RNI No.ODIODI/2010/33031
୧୭ ବର୍ଷ Volume-17
ISSUE -17 ସଂଖ୍ୟା-୧୭
ଭୁବନେଶ୍ୱର, ସୋମବାର ୨୩ ମାର୍ଚ୍ଚ ୨୦୨୬
Bhubaneswar, Monday 23 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




### ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଡ଼ ବୈଠକ

## ତେଲ, ଗ୍ୟାସ ଏବଂ ବିଦ୍ୟୁତ ସଙ୍କଟ ଉପରେ ଆଲୋଚ଼ନା



ନୂଆଦିଲ୍ଲୀ, ୨୨।୩: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଶକ୍ତି ପ୍ରସ୍ତୁତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆବାସରେ ଚ଼ାଲିଥିବା ଏହି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ସମେତ ଅନେକ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ଅଛନ୍ତି।

ବୈଠକରେ ଦେଶରେ LPG ବିତରଣ, ସାରର ଉପଲବ୍ଧତା ଏବଂ ବିନା ବାଧାରେ ଶକ୍ତି ଯୋଗାଣ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପେଟ୍ରୋଲିୟମ ଏବଂ ବିଦ୍ୟୁତ କ୍ଷେତ୍ରର ସାମ୍ପ୍ରତିକ ସ୍ଥିତିର ଆକଳନ କରାଯାଉଛି। ଅନ୍ତର୍ଜାତୀୟ ସ୍ତରରେ ଯୋଗାଣ ଶୃଙ୍ଖଳାରେ ଉପୁଜିଥିବା ବାଧାକୁ ଦୂର କରିବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଖାଉଟି ଏବଂ ଶିଳ୍ପ ଜଗତର ସ୍ୱାର୍ଥ ରକ୍ଷା ପାଇଁ ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ନଜର ରଖିବାକୁ ପ୍ରାଥମିକତା ଦିଆଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆର ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଏହି ପରିସ୍ଥିତିକୁ ଧୈର୍ଯ୍ୟ ଏବଂ ସଚେତନତା ସହ ସାମ୍ନା କରିବା ଆବଶ୍ୟକ।ଇରାନ-ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚ଼ାଲିଥିବା ଏହି ଯୁଦ୍ଧ ଏବେ ତୃତୀୟ ସପ୍ତାହରେ ପହଞ୍ଚିଛି। ୨୮ ଫେବୃଆରୀରେ ଇରାନ ଉପରେ ଆକ୍ରମଣ ପରେ ସ୍ଥିତି ଅଧିକ ଜଟିଳ ହୋଇଛି। ବିଶ୍ୱର ପ୍ରମୁଖ ସିପିଂ ରୁଟ୍ 'ହୋର୍ମୁଜ ଷ୍ଟ୍ରେଟ୍' ଉପରେ ଇରାନର ନିୟନ୍ତ୍ରଣ ଯୋଗୁଁ ଜାହାଜ ଚ଼ଳାଚ଼ଳ ପ୍ରଭାବିତ ହୋଇଛି। ଏହା ଫଳରେ ଭାରତ ସମେତ ଅନେକ ଦେଶକୁ ଶକ୍ତି ଯୋଗାଣରେ ସମସ୍ୟା ଦେଖାଦେଇଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଧାନମନ୍ତ୍ରୀ ମୋଦୀ ସାଉଦି ଆରବ, ଟଇର, କାତାର, ବାହାରିନ, କୁଏତ, ଇସ୍ରାଏଲ ଏବଂ ଇରାନ ସମେତ ଅନେକ ବିଶ୍ୱସ୍ତରୀୟ ନେତାଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି।

## ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ

ନୂଆଦିଲ୍ଲୀ, ୨୨।୩: ଟ୍ରମ୍ପଙ୍କ ଧମକ ପରେ ଇରାନ ପାଲଟା ଜବାବ ଦେଇଛି । ଇରାନ ହର୍ମୁଜ୍ ଷ୍ଟ୍ରେଟ ସମ୍ପର୍କରେ ନିଜର ମତରେ ସାମାନ୍ୟ ନରମତା ଦେଖାଇଛି । ଏହା କହିଛି ଯେ, ଶତ୍ରୁ ରାଷ୍ଟ୍ରଗୁଡ଼ିକର ଜାହାଜ ବ୍ୟତୀତ ଅନ୍ୟ ସମସ୍ତ ଜାହାଜକୁ ଏହି ରାସ୍ତା ଦେଇ ପରିବହନ ପାଇଁ ଅନୁମତି ଦିଆଯାଇଛି । ଇରାନୀ ପ୍ରତିନିଧି ଅଲି ମୁସାଭି ବ୍ୟାଖ୍ୟା କରିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ ଭଳି ଦେଶ ସହିତ ଜଡିତ ନଥିବା ଜାହାଜଗୁଡ଼ିକ ଇରାନ ସହିତ ସୁରକ୍ଷା ପ୍ରୋଟୋକଲ୍ ସମନ୍ୱୟ କରିବା ପରେ ଏହି ଜଳପଥ ବ୍ୟବହାର କରିପାରିବେ।



ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ ଚେତାବନୀ ଜାରି କରିଥିଲେ, ୪୮ ଘଣ୍ଟା ମଧ୍ୟରେ ଏହି ଜଳପଥକୁ ସମ୍ପୂର୍ଣ୍ଣ ଭାବରେ ଖୋଲିବାକୁ ଦାବି କରିଥିଲେ। ଟ୍ରମ୍ପ କହିଥିଲେ ଯେ ପାଳନ ନ କଲେ ଇରାନର ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିରୁଦ୍ଧରେ ଆମେରିକାର ସାମରିକ ଆକ୍ରମଣ ହୋଇପାରେ। କିଛି ଘଣ୍ଟା ପରେ, ମୁସାଭି ଆହୁରି ଦୃଢ଼ ଭାବରେ କହିଥିଲେ ଯେ ଇରାନ ସାମୁଦ୍ରିକ ସୁରକ୍ଷା ଏବଂ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ ସହଯୋଗ କରିବାକୁ ପ୍ରସ୍ତୁତ। ସେ ଏହି ସମ୍ପୂର୍ଣ୍ଣ ସଙ୍କଟରେ ମୁଖ୍ୟ କାରଣ ଭାବରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଆକ୍ରମଣକୁ ଚ଼ିହ୍ନଟ କରିଥିଲେ ।

ଇରାନ ଦାବି କରୁଛି ଯେ ସେ କୂଟନୀତିକୁ ପ୍ରାଥମିକତା ଦିଏ । ତଥାପି, ଏଥିପାଇଁ ତା' ବିରୁଦ୍ଧରେ ଆକ୍ରମଣର ସମ୍ପୂର୍ଣ୍ଣ ବନ୍ଦ ଏବଂ ପାରସ୍ପରିକ ବିଶ୍ୱାସ ପ୍ରତିଷ୍ଠା ଆବଶ୍ୟକ। ଉଲ୍ଲେଖନୀୟ ଯେ, ଇରାନ ଫେବୃଆରୀ ୨୮ରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗକୁ ଅବରୋଧ କରିଥିଲା। ବିଶ୍ୱ ସମ୍ପ୍ରଦାୟ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଥ, କାରଣ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ ଯୋଗାଣ ଏହା ଦେଇ ଗତି କରେ । ଇରାନ ପୂର୍ବରୁ ଘୋଷଣା କରିଥିଲା ? ?ଯେ ସେ ଆମେରିକା, ଇସ୍ରାଏଲ କିମ୍ବା ସେମାନଙ୍କର ସହଯୋଗୀ ଦେଶମାନଙ୍କ ପାଖରେ ଗୋଟିଏ ବି ବୁନ୍ଦା ତେଲ ପହଞ୍ଚିବାକୁ ଦେବ ନାହିଁ।ଯୁଦ୍ଧ ଏବଂ ଆକ୍ରମଣ ଭୟରେ, ଅନେକ ଜାହାଜ ଏହି ପଥ ଦେଇ ଯିବାକୁ ଏଡ଼ାଇ ଯାଉଛନ୍ତି। ଫଳସ୍ୱରୂପ, ବିଶ୍ୱ ତୈଳ ଏବଂ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି, ଏବଂ ମୂଲ୍ୟ ବୃଦ୍ଧି ପାଉଛି। ଏହି ସମୟରେ, ଏହି ପଥକୁ ସୁରକ୍ଷିତ ରଖିବା ପାଇଁ ଏକ ନୌସେନା ସୁରକ୍ଷା ଢାଞ୍ଚା ପ୍ରତିଷ୍ଠା କରିବା ପାଇଁ ଆମେରିକା ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସହଯୋଗରେ କାମ କରୁଛି । ତଥାପି, ଅନେକ ନାଟୋ ସଦସ୍ୟ ରାଷ୍ଟ୍ର ଏହି ସଂଘର୍ଷରେ ସିଧାସଳଖ ଜଡିତ ହେବାରୁ ବିରତ ରହୁଛନ୍ତି।

## ଏଥର ନୂଆ ରୂପରେ ଦେଖିବେ ରୁକୁଣା ରଥ

ଭୁବନେଶ୍ୱର: ଆଉ ମାତ୍ର ୪ ଦିନର ଅପେକ୍ଷା। ଆସନ୍ତା ୨୬ ତାରିଖରେ ମହାଧୁମଧାମରେ ପାଳିତ ହେବ ପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା। ଏଥିପାଇଁ ଏବେ ରଥଖଳାରେ ଚ଼ାଲିଛି ଜୋରଦାର ପ୍ରସ୍ତୁତି।୪୫ ଫୁଟ ଉଚ୍ଚ ଓ ୨୭ ଫୁଟ ଓସାର ବିଶିଷ୍ଟ ଭବ୍ୟ ରଥ ତିଆରିରେ ବ୍ୟସ୍ତ ଅଛନ୍ତି ୬୧ ଜଣ କାରିଗର। ହାତରେ ମାତ୍ର ୨ ଦିନ ସମୟ ଥିବାରୁ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।୨୫ ତାରିଖ ସନ୍ଧ୍ୟା (ନେତ୍ରୋତ୍ସବ ପୂର୍ବରୁ) ସମସ୍ତ କାମ ସରିବ। ବୁଧବାରେ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ ଏବଂ ସେହି ରାତିରେ ହେବ ରଥ ପ୍ରତିଷ୍ଠା ନୀତି।ଏହି ରଥକୁ କୁହାଯାଏ 'ଅଣଲେଉଟା ରଥ' ଅର୍ଥାତ୍ ଏହା ପଛକୁ ଫେରେ ନାହିଁ। ପ୍ରଭୁ ଲିଙ୍ଗରାଜ ଏହି ରଥରେ ଚ଼ଢ଼ି ମାଉସୀ ମା' ଘର (ରାମେଶ୍ୱର ମନ୍ଦିର)କୁ ଯାତ୍ରା କରନ୍ତି। କିମ୍ବଦନ୍ତୀ ଅନୁସାରେ, ପ୍ରଭୁ ଶ୍ରୀରାମ ରାବଣ ବଧ ପରେ ବ୍ରହ୍ମହତ୍ୟା ଦୋଷ ମୁକ୍ତି ପାଇଁ ଏକାମ୍ର କ୍ଷେତ୍ରକୁ ଆସି ଲିଙ୍ଗରାଜଙ୍କ ପୂଜା କରିଥିଲେ। ପରେ ବର ମାଗିଥିବାରୁ ଲିଙ୍ଗରାଜ ଏହି ଦିନ ଯାତ୍ରା କରନ୍ତି ବୋଲି ମନ୍ୟତା ରହିଛି। ଲୋକକଥାନୁସାରେ ମା' ଭୁବନେଶ୍ୱରୀ ମଧ ଏହି ଯାତ୍ରାରେ ସହଭାଗୀ ହୋଇଥାନ୍ତି।

## ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ସମରାଭ୍ୟାସ ସାଗର କବଚ଼

ପାରାଦୀପ - ପାରାଦୀପ ର ବିଭିନ୍ନ ସ୍ଥାନରେ ମତ୍ସ୍ୟଜିବୀ ମାନଙ୍କୁ ନେଇ ଚ଼ାଲିଛି ପ୍ରଶିକ୍ଷଣ। ଡାକବାଜି ଯନ୍ତ୍ରରେ ପ୍ରଚ଼ାର ମାଧ୍ୟମରେ ସଚେତନ କରାଯିବା ସହ ସମୁଦ୍ର ପଥ କୁ କଡାକଡି କରାଯିବ। ଆତଙ୍କବାଦୀ ମାନେ ଜଳପଥ ଉପରେ ନିର୍ଭର କରୁଥିବାରୁ ବୋଟ ଆଉ ଡଙ୍ଗା ରେ ମାଛ ଧରିବାକୁ ଯାଉଥିବା ସମୟରେ ନିଜର ସମସ୍ତ ପରିଚ଼ୟ



ପତ୍ର ନେବା ସହିତ ଲାଇଫ ଜ୍ୟାକେଟ, ଭିଏଚ଼ଏଫ ୧୬ନମ୍ବର ଚ୍ୟାନେଲ ସହ ଯୋଗାଯୋଗ କରି ସତର୍କ ରହିବାକୁ ଦିଆଯାଉଛି ପରାମର୍ଶ କ୍ଷ ଯଦି ସମୁଦ୍ର ମଧ୍ୟରେ ମାଛ ଧରିବା ସମୟରେ କେହି ସନ୍ଦିଗ୍ଧ ବ୍ୟକ୍ତି ନଜର କୁ ଆସନ୍ତି ତେବେ ଯଥାଶୀଘ୍ର ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ତରଫରୁ ଜାରି କରାଯାଇଥିବା ବିନା ନେଟୱାର୍କ ରେ ୧୫୫୪, ୧୦୯୩ ଏବଂ ୧୧୨ ହେଲ୍ପଲାଇନ ନମ୍ବର ରେ ଜଣାଇବକୁ ମତ୍ସ୍ୟଜିବି ମାନଙ୍କୁ ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ପଶୁସମ୍ପଦ ବିଭାଗ ତରଫରୁ ସଚେତନ କରାଯିବା ସହିତ ନିର୍ଦ୍ଦେଶ ଜାରି କରାଯାଇଛି। ଆସନ୍ତା ୨୪ ଓ ୨୫ ଦୁଇଦିନ ଧରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ତରଫରୁ ଅନୁଷ୍ଠିତ ହେବ ସମରାଭ୍ୟାସ ସାଗରକବଚ଼ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏବଂ ଆତଙ୍କବାଦୀ ମାନେ ଜଳପଥ ଉପରେ ନିର୍ଭର କରୁଥିବାରୁ ମତ୍ସଜୀବି ମାନଙ୍କୁ ସତର୍କ ଓ ସଚେତନ କରାଯାଇଛି। ୨୬/୧୧ ମୁମ୍ବାଇ ଆକ୍ରମଣ ପରଠାରୁ ପ୍ରତ୍ୟେକ ବର୍ଷ ଉପକୂଳ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରିବା ପାଇଁ ଅନୁଷ୍ଠିତ ହେଉଛି ସମରଭ୍ୟାସ ସାଗର କବଚ଼ କ୍ଷ ଯାହାକୁ ନେଇ ଆଜି ପାରାଦୀପ ର ମତ୍ସ୍ୟଜିବି ମାନେ ରହୁଥିବା ଅଞ୍ଚଳ ରେ ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ତରଫରୁ ସାଗର ମିତ୍ର ମାନେ ସତର୍କତା ଜାରି କରିବା ସହିତ ସଚେତନ କରାଯାଉଛି । ନେଭି , କୋଷ୍ଟଗାର୍ଡ, ମେରାଇନ ପୁଲିସ, ସିଆଇଏସଏଫ, ମତ୍ସଜୀବି ମାନଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏହି କାର୍ଯ୍ୟକ୍ରମ ରେ ଭାଗ ନେବେ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି ।

## ବିଶ୍ୱ ଜଳ ଦିବସରେ ୨,୬୧୨ କୋଟିର ପ୍ରକଳ୍ପର ଶୁଭାରମ୍ଭ



### ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ- ବୁନ୍ଦାଏ ବି ପାଣି ନଷ୍ଟ କରନ୍ତୁ ନାହିଁ
### ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍ ଏକ ବୈପ୍ଲବିକ ଯୋଜନା
### ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଆମର ସଂକଳ୍ପ

ଭୁବନେଶ୍ୱର, ୨୨।୩(ନି.ପ୍ର.): ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ ୨,୬୧୨ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ୨,୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୩୨୦ କୋଟି ଟଙ୍କାର ୧୨୪ଟି ପ୍ରକଳ୍ପର ଉଦଘାଟନ ଅନ୍ତର୍ଭୁକ୍ତ ରହିଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜଳ ସଂରକ୍ଷଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ, 'ଏକ ବୁନ୍ଦା ପାଣି ମଧ୍ୟ ଅତ୍ୟନ୍ତ ମୂଲ୍ୟବାନ। ଆମକୁ ପାଣି ଅପଚ଼ୟ ନକରିବାକୁ ପ୍ରତିଜ୍ଞା କରିବାକୁ ପଡିବ ଏବଂ ଏହି ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚିବା ଉଚ଼ିତ।' ସେ ସ୍କୁଲଗୁଡ଼ିକୁ ପିଲାମାନଙ୍କୁ ପାଣି ସଂରକ୍ଷଣର ଗୁରୁତ୍ୱ ଶିକ୍ଷା ଦେବାକୁ ଆହ୍ୱାନ କରିଥିଲେ, ସେମାନଙ୍କୁ 'ଭବିଷ୍ୟତର ଜଳ ସୈନିକ' ବୋଲି କହିଥିଲେ।

ସେହିପରି ରାଜ୍ୟର ପଦକ୍ଷେପଗୁଡ଼ିକୁ ସମ୍ପର୍କରେ ଆଲୋଚ଼ନା କରି, ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନକୁ ଏକ କ୍ରାନ୍ତିକାରୀ ଯୋଜନା ଭାବରେ ବର୍ଣ୍ଣନା କରିଥିଲେ ଏବଂ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ। 'ଜଳ ଶକ୍ତି ଅଭିଯାନ ଏବଂ 'କ୍ୟାଚ୍ ଦି ରେନ୍' ପଦକ୍ଷେପ ମାଧ୍ୟମରେ, ଆମେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଦେଉଛୁ ଏବଂ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚ଼ାଳନାରେ ମହିଳାମାନଙ୍କୁ ତାଲିମ ଦେଉଛୁ,' ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଜଳ ପରିଚ଼ାଳନାରେ ଲିଙ୍ଗଗତ ଅସମାନତା ଦୂର କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ପ୍ରୟାସକୁ ଗୁରୁତ୍ୱାରୋପ କରିଥିଲେ। ଚ଼ଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗ' ଅନୁସରଣ କରି ଜଳ ସୁରକ୍ଷାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଜଳ ଅଭାବ ଗରିବ ଲୋକଙ୍କୁ ପ୍ରଭାବିତ ନ କରିବା ଉପରେ ଓଡ଼ିଶାର ଧ୍ୟାନ ବିଷୟରେ ସେ କହିଥିଲେ, 'ତୃଣମୂଳ ସ୍ତରରେ ଲୋକଙ୍କୁ ସ୍ୱଚ୍ଛ ପାଣି ଯୋଗାଇବା ଆମର ଅନ୍ତ୍ୟୋଦୟ ନୀତିର ମୁଖ୍ୟ ବିଷୟ। ମିଶନ ଶକ୍ତି ଅଧୀନରେ, ଆମେ ପ୍ରତ୍ୟେକ ଅପହଞ୍ଚ ଗ୍ରାମ ଏବଂ ପଛୁଆ ଅଞ୍ଚଳକୁ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ କାମ କରୁଛୁ।' ରାଜ୍ୟ କୃଷି କ୍ଷେତ୍ରରେ 'ପ୍ରତି ବୁନ୍ଦା ପାଣିରେ ଅଧିକ ଫସଲ'କୁ ପ୍ରୋତ୍ସାହିତ କରୁଛି ଏବଂ 'ଏକ ପେଡ୍ ମା କେ ନାମ' ଅଭିଯାନ ମାଧ୍ୟମରେ ବୃକ୍ଷରୋପଣରେ ଉଲ୍ଲେଖନୀୟ ଅଗ୍ରଗତି କରିଛି।

ମୁଖ୍ୟମନ୍ତ୍ରୀ ଭବିଷ୍ୟତ ଯୋଜନା ବିଷୟରେ ବର୍ଣ୍ଣନା କରି କହିଛନ୍ତି, ୨୦୩୬ ସୁଦ୍ଧା ଓଡ଼ିଶାର ଫସଲ ଜଳସେଚ଼ନ ଘନତାକୁ ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶତକୁ ବୃଦ୍ଧି କରିବାର ଲକ୍ଷ ରହିଛି। ଭୂତଳ ଜଳ ପୁନଃପୂରଣ ପାଇଁ 'ଛାଟା' ଏବଂ 'ଆରୟୁଏ' ଯୋଜନା ଅଧୀନରେ ଅନେକ ରିଚ଼ାର୍ଜ ଶାଫ୍ଟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ସେ କେନାଲ ଲାଇନିଂ ସିଷ୍ଟମ, ଲୋୟର ସୁକତେଲ ଜଳ ଜଳସେଚ଼ନ ପ୍ରକଳ୍ପ ଏବଂ କୁସୁମି ସ୍ମାର୍ଟ ଜଳସେଚ଼ନ ପ୍ରକଳ୍ପ ଭଳି ପ୍ରକଳ୍ପଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନର ଉଲ୍ଲେଖ କରିଥିଲେ, ଯାହା ଜଳସେଚ଼ନ କଭରେଜ୍କୁ ପ୍ରାୟ ୨.୨ ଲକ୍ଷ ହେକ୍ଟରକୁ ବିସ୍ତାର କରିଛି।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ରାଜୀବ ଭବନରେ ଶିଶୁ ଯତ୍ନ କେନ୍ଦ୍ର 'କାଳିକ'ର ଉଦଘାଟନ କରିଥିଲେ ଏବଂ ଏଆଇ-ଚ଼ାଳିତ ନାଗରିକ ମତାମତ ପ୍ରଣାଳୀ 'ବିନ୍ଦୁ' ଚ଼ାଟବଟ୍ ଆରମ୍ଭ କରିଥିଲେ। ଜଳ ସମ୍ପଦ ବିଭାଗ କେନ୍ଦ୍ରୀୟ ଜଳ ଆୟୋଗ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିଲା ଏବଂ ନଦୀ ମାନଚ଼ିତ୍ର ସହିତ ଏକ କଫି ଟେବୁଲ ପୁସ୍ତକ 'ସୁଜଳା' ଉନ୍ମୋଚ଼ିତ ହୋଇଥିଲା। ଏହି ଉତ୍ସବରେ ଜଳସମ୍ପଦ ବିଭାଗ ଦ୍ୱାରା ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ସଚ଼ିବ ଅନୁ ଗର୍ଗ, ଜଳସମ୍ପଦ ବିଭାଗର ପ୍ରମୁଖ ସଚ଼ିବ ଶୁଭା ଶର୍ମା ଏବଂ ଯୋଜନା ଏବଂ ଡିଜାଇନ୍ ବିଭାଗର ଇଞ୍ଜିନିୟର-ଇନ୍-ଚ଼ିଫ୍ ଲିଙ୍ଗରାଜ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଡାହୁକ



ତୁଣ୍ଡେ ତୁଣ୍ଡି ଦେଇ ବସିଲେ ଏମିତି
ନ ଖୋଲିଲେ ଡରି ତୁଣ୍ଡକୁ
କେତେ ବେଳେ ଦେଶ ବିକି ଖାଇ ଯିବେ
କି ଭରଷା ମୂର୍ଖ ମୁଣ୍ଡ କୁ
-ବଧୂ

### କାମାକ୍ଷାନଗର କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ

## ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

ଢେଙ୍କାନାଳ, ୨୨।୩(ନି.ପ୍ର.): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଜଙ୍ଗଲରୁ କଲେଜ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣା। ମୁଖ୍ୟ ଅଭିଯୁକ୍ତ ସହିତ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରି କୋର୍ଟଚ଼ାଲାଣ କରିଛି ପୁଲିସ। ମୃତଦେହ ଉଦ୍ଧାର ହେବାର ୪୮ ଘଣ୍ଟା ଭିତରେ ମାମଲାର ପର୍ଦ୍ଦାଫାସ କରି ପୁଲିସ ୪ ଅଭିଯୁକ୍ତଙ୍କୁ ବାନ୍ଧିଛି। ଏନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚ଼ନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକାରକ୍ଷ। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ କାମାକ୍ଷାନଗର ଥାନା ସାଆନ୍ତାରାପୁର ଗାଁର ଗଙ୍ଗାଧର ପାତ୍ର ଓରଫ ଜଗା।

ପୋଲିସର କହିବା ମୁତାବିକ, ଅଭିଯୁକ୍ତ ଜଗା ଏକ କାର ଯୋଗେ ନାବାଳିକା ଛାତ୍ରୀ ଜଣଙ୍କୁ ପଲ୍ଲୀ ଗାଁ ନିକଟକୁ ନେଇ ସେଠାରେ ଦୁଷ୍କର୍ମ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ହେବା ସହ ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ଅଭିଯୁକ୍ତ ଜଗାଙ୍କୁ ତାଙ୍କ ମାମୁଁ ପୁଅ ଭାଇ ସାନଇନ୍ଦିପୁର ଗାଁର ଚ଼ନ୍ଦନ କୁମାର ନାଏକ, ପରଜଙ୍ଗ ଥାନା କୁମୁସି ଗାଁର ମଉସା ରସାନନ୍ଦ ନାଏକ ଏବଂ ସାଆନ୍ତରାପୁର ଗାଁର ଅନ୍ୟ ଜଣେ ସହଯୋଗୀ ମଦନ ମୋହନ ପାତ୍ର ସହଯୋଗ କରିଥିଲେ। ଯେଉଁ ଘଟଣାକୁ ନେଇ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା।



ତେବେ ଘଟଣା ଘଟିବାର ୪୮ ଘଣ୍ଟା ନପୂରୁଣୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୋଲିସ। ଅନ୍ୟ ତିନି ଅଭିଯୁକ୍ତ ହେଲେ ସାନଇନ୍ଦିପୁର ଗାଁର ଚ଼ନ୍ଦନ କୁମାର ନାଏକ, ସାଆନ୍ତାରାପୁର ଗାଁର ମଦନ ମୋହନ ପାତ୍ର, ଓ ପରଜଙ୍ଗ ଥାନା କୁମୁସି ଗାଁର ରସାନନ୍ଦ ନାଏକ। ସେମାନଙ୍କ ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା କାର, ୩ଟି ମୋବାଇଲ, ମୃତ କଲେଜ ଛାତ୍ରୀଙ୍କ ରକ୍ତଭିଜା ଓଢଣୀ ଓ କଲେଜ ବ୍ୟାଗକୁ ପୋଲିସ ଜବତ କରିଛି। ଏନେଇ କାମାକ୍ଷାନଗର ଥାନାରେ ପୋକ୍‌ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚ଼ଳାଇଛି ପୋଲିସ।

ଏ ନେଇ କାମାକ୍ଷାନଗର ଥାନାରେ ୧୯୧/୨୬ କେସ ନମ୍ବର ରେ ଏକ ମାମଲା ରୁଜୁ କରାଯାଇ ବିଏନଏସ ୧୩୭(୨), ୬୪(୨)(ଖ)/୬୬/୧୦୩(୧)/୫୫/୨୩୮/୩(୫) ଏବଂ ବିଏନଏସ ଆରଡବ୍ଲୁ ସେକ୍ସନ -୦୬/୨୧ ପୋକ୍‌ସୋ ଆଇନ ଅନୁଯାୟୀ ଦଫା ରୁଜୁ କରାଯାଇଛି । ଯାହାକୁ ନେଇ ପ୍ରେସମିଟରେ ସୂଚ଼ନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକାର । ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଅତିରିକ୍ତ ଏସପି, କାମାକ୍ଷାନଗର ଏସ୍‌ଡ଼ିପିଓ, ଥାନା ଅଧିକାରୀ ଉପସ୍ଥିତ ଥିଲେ ।

## ବସ୍‌ରେ ଚ଼ାଲିଥିଲା କଫ୍ ସିରପ୍ ସ୍ମଗଲିଂ

### ଜବତ ହେଲା ୧୫୦୦ ବୋତଲ; ୩ ଗିରଫ

ସୁବର୍ଣ୍ଣପୁର, ୨୨।୩(ନି.ପ୍ର.): ସୁବର୍ଣ୍ଣପୁର ଜିଲ୍ଲାରେ ଏକ ଘରୋଇ ନାଇଟ୍ କୋଚ୍ ବସ୍ ରୁ ୧୫୦୦ ବୋତଲ କଫ୍ ସିରପ୍ ଜବତ କରିଛି ପୋଲିସ। ବସ୍ ଟି ଭୁବନେଶ୍ୱରରୁ ବିନିକା ଦେଇ ଡୁଙ୍ଗୁରିପାଲି ଯାଉଥିବା ବେଳେ, ପୋଲିସ ଅଧିକାରୀମାନେ ସନ୍ଦେହ କରିବା ପରେ ରାମପୁର ମହିଳା କଲେଜ ନିକଟରେ ଏହାକୁ ଅଟକାଇଥିଲେ।

ତେବେ ଯାଞ୍ଚ ସମୟରେ, ପୋଲିସ କଫ ସିରପ ଥିବା ପାଞ୍ଚଟି ପ୍ୟାକେଟ ପାଇଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ୧୫ ଶହ ବୋତଲ କଫ୍ ସିରପ୍ ଜବତ କରାଯାଇଥିଲା। ଜବତ କଫ୍ ସିରପ୍ ସହ ଏଥିରେ ସମ୍ପୃକ୍ତ ତିନି ଜଣଙ୍କୁ ଅଟକ ରଖି ପଚ଼ରାଉଚ଼ରା କରିଥିଲା ପୋଲିସ। ଏହାପରେ ସେମାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗାଇସିଲେଟ ଥାନା କନ୍ଧମୁଣ୍ଡା ଗାଁର ଉମେଶ ସାହୁ, ବଲାଙ୍ଗୀରର ଅମ୍ବିତ ନାଏକ ଏବଂ ଆଶିଷ ବାର୍ଗେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଂପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସ୍ଥାୟୀ ପ୍ରତିକାର

ରାଜ୍ୟର ସବୁଠାରୁ ବଡ଼ ଏବଂ ସବୁଠାରୁ ପୁରାତନ କଟକର ଏସସିବି ମେଡିକାଲ କଲେଜ ହସ୍ପିଟାଲରେ ନିଆଁ ଲାଗି ୧୨ଜଣ ପ୍ରାଣ ହରାଇବା ଘଟଣା ଅତ୍ୟନ୍ତ ହୃଦୟବିଦାରକ। ହସ୍ପିଟାଲକୁ ରୋଗୀ ଚିକିତ୍ସିତ ହୋଇ ସୁସ୍ଥ ହେବାକୁ ଆସନ୍ତି। ହସ୍ପିଟାଲକୁ ଆସି ସୁସ୍ଥ ହୋଇ ଘରକୁ ଫେରିବାଲକ୍ଷ୍ୟରେ ଥିବା ରୋଗୀଟିଏ ଯଦି ବିନା ଦୋଷରେ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଏ ତେବେ ଏହାଠାରୁ ବଳି ବଡ଼ ଦୁର୍ଭାଗ୍ୟଜନକ ଘଟଣା ଆଉ କିଛି ନାହିଁ। ଟ୍ରମା କେୟାର ଆଇସିୟୁରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ଦାୟିତ୍ୱରେ ଅବହେଳା ଅଭିଯୋଗ କ୍ରମେ ୪ଜଣଙ୍କୁ ସସପେଣ୍ଡ କରାଯାଇଛି। ଏହାକୁ କେନ୍ଦ୍ର କରି ବିଧାନସଭାରେ ବିରୋଂଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଏହା ସ୍ୱାଭାବିକ। ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାଲାଗି ପ୍ରତ୍ୟକ୍ଷଭାବେ ଦାୟୀ ନୁହଁନ୍ତି। କିନ୍ତୁ ସେ ଏଥିପାଇଁ ଲୋକଙ୍କ ନିକଟରେ ଉତ୍ତରଦାୟୀ। ନିଜ ମୁଣ୍ଡରୁ ସେ ଏହି ଘଟଣା ପାଇଁ ଦୋଷ ସମ୍ପୂର୍ଣ୍ଣ ଭାବେ ହଟାଇପାରିବେ ନାହିଁ। କଟକ ଏସସିବିକୁ ବଡ଼ ଡାକ୍ତରଖାନା ବୋଲି କୁହାଯାଏ। ଏଠକୁ ରାଜ୍ୟର କୋଣ ଅନୁକୋଣରୁ ଏବଂ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଆସନ୍ତି। ଅନେକ ରୋଗୀ ହସ୍ପିଟାଲରେ ଆଡମିଟ ହୋଇ ଚିକିତ୍ସିତ ହୁଅନ୍ତି। ସେମାନଙ୍କ ସୁରକ୍ଷା ହସ୍ପିଟାଂଲ କର୍ତ୍ତୃପକ୍ଷ ବା ସରକାରଙ୍କର। ଏଥିରେ ଅବହେଳା ଅକ୍ଷମଣୀୟ ଅପରାଧ। ଏସସିବିରେ ବିଦ୍ୟୁତ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛନ୍ତି ସେମାନେ ଲୋକଙ୍କ ଟିକସ ଅର୍ଥରୁ ମୋଟା ଅଙ୍କର ଦରମା ନିଅନ୍ତି। ସେମାନଙ୍କ ଉପରେ ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଯଦି ସେମାନେ ନିଜ ଦାୟିତ୍ୱ ନିର୍ବାହରେ ସକ୍ଷମ ନୁହଁନ୍ତି ତେବେ ସେମାନେ ଦାୟିତ୍ୱ ହସ୍ତାନ୍ତର କରି ଚାଲିଯିବା ଉଚିତ। ଏସସିବିରେ ଯେଉଁ ଅଘଟଣ ଘଟିଲା ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ। ଏଥିଲାଗି ଦାୟୀ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ। ଏହାକୁ ଏକ ସାମାନ୍ୟ ଘଟଣା ଭାବେ ବିଚାର କରାଯାଇପାରିବ ନାହିଁ। ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ତାହା ମୂଲ୍ୟହୀନ। କାରଣ ଅତୀତରେ ଏଭଳି ଅନେକ ଘଟଣାରେ ତଦନ୍ତ ହୋଇଛି। ରିପୋର୍ଟ କୁଆଡ଼େ ଗଲା, ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଲା ତାହା କେହି ଜାଣନ୍ତିନି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ଲୋକଙ୍କୁ ଶାନ୍ତ କରିବା ଏବଂ ଉପସ୍ଥିତ ଜନ ଅସନ୍ତୋଷକୁ ପ୍ରଶମିତ କରିବା ଲାଗି ଏହା ଏକ ସହଜ ତରିକା। କିନ୍ତୁ ପ୍ରଶ୍ନ ହେଉଛି ଏସସିବି ହେଉ ବା ଅନ୍ୟ ବଡ଼ ବଡ଼ ହସ୍ପିଟାଲ ଅଥବା ପ୍ରକଳ୍ପରେ ବିଦ୍ୟୁତ ସୁରକ୍ଷା ଲାଗି କାହିଁକି ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଉନି। ଅତୀତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଏଭଳି ଅଗ୍ନିକାଣ୍ଡ ଘଟି ବହୁ ହଲୋକ ମୃତାହତ ହୋଇଥିଲେ। ତତ୍କାଳ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। କିନ୍ତୁ ତା ପରେ ସବୁ ଶାନ୍ତ। ଯେଉଁଠି ଏଭଳି ବିଦ୍ୟୁତ ସରବରାହ ବ୍ୟବସ୍ଥା ରହିଛି ଏବଂ ଅତି ଜଟିଳ ସଂଯୋଗ ରହ୯ିଛି ସେଠାରେ ପ୍ରତି ୩ ମାସରେ ଥରେ ଏହାର ଯାଞ୍ଚ କରାଯାଇ ସମ୍ଭାବ୍ୟ ଅଘଟଣକୁ ରୋକିବା ଲାଗି ପଦକ୍ଷେପ ନିଆଯିବା ଉଚିତ। ଏସସିବିରେ ଏହା କାହିଁକି କରାଯାଇନଥିଲା? ଯଦି ବା କିଛି ଦୁର୍ଘଟଣା ଘଟିଲା ତେବେ ତାହାର ପ୍ରତିକାର ନିମନ୍ତେ କାହିଁକି ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିଲା ତାହା ଏକ ପ୍ରଶ୍ନ। ଆଇସିୟୁରେ ନିଆଁ ଲାଗି ପରେ ରୋଗୀଙ୍କୁ ତ୍ୱାଳ ସ୍ଥାନାନ୍ତର କରିବାକୁ କାହିଁକି ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା ଏବଂ ତତ୍କାଳ ନିଆଁ ଲିଭାଇବାକୁ ସୁବ୍ୟବସ୍ଥା କାହିଁକି ନଥିଲା ତାହାର ଉତ୍ତର ସ୍ୱାସ୍ଥ୍ୟମନ୍ତ୍ରୀ ବା ସରକାର ଦେବା ଉଚିତ। କେବଳ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଶକ୍ତି ବିଭାଗ ମଧ୍ୟ ଏଥିଲାଗି ଉତ୍ତରଦାୟୀ। ଆଗକୁ ଯେପରି ଏହାର ପୁନରାବୃତ୍ତି ନହେବ ସେଥିଲାଗି ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଉଚିତ। ବଡ଼ ବଡ଼ କୋଠା ବିଶେଷ କରି ହସ୍ପିଟାଲ ଗୁଡ଼ିକରେ ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବା ଉଚିତ। ଏସସିବି ଭଳି ଅନ୍ୟ ମେଡିକାଲ କଲେଜ, ଭୁବନେଶ୍ୱର ଏମସ ଏବଂ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଏଭଳି ବ୍ୟାପକ ତ୍ରୁଟି ରହିଛଇ ଯାହା କେବେ ମୂଲ୍ୟବାନ ଜୀବନହାନିର କାରଣ ହୋଇପାରେ। ଏଥିନିମନ୍ତେ ବିଧାନସଭାର ଏକ କମିଟି ଗଠନ କରାଯାଉ ଏବଂ ରାଜ୍ୟର ସବୁ ହସ୍ପିଟାଲ ବୁଲି ବୁଲି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଦେଲେ ସମସ୍ୟାର ସମାଧାନ ହୋଇଯିବନି। ବରଂ ବିଧାନସଭାରେ ଏହା ଉପରେ ବ୍ୟାପକ ଆଲୋଚନା ହେଉ ଏବଂ ଏଭଳି ଘଟଣାର ସ୍ଥାୟୀ ପ୍ରତିକାର ଲାଗି ପଦକ୍ଷେପ ଗ୍ରହଣ କରାଯାଉ।

# ପୋକ୍ସୋ ଆଇନର ଅପବ୍ୟବହାର

**ଯୁଧିଷ୍ଠିର ମହାରଣା**

ମାନ୍ୟବର ସୁପ୍ରିମକୋର୍ଟ ଯୌନ ଅପରାଧିଙ୍କୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଆଇନର ଅପବ୍ୟବହାର ନେଇ ଉଦବେଗ ପ୍ରକାଶ କରିଥିବାରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି। ମାନ୍ୟବର କୋର୍ଟ ବିଦ୍ୟାଳୟରେ ଦୁଷ୍କର୍ମ ବିରୋଧୀ ଆଇନ ଓ ବାଧ୍ୟତାମୂଳକ ଯୌନ ଶିକ୍ଷା ଦେବା ନିମିତ୍ତ ଏକ ଆବେଦନ ଶୁଣାଣୀ କଲାବେଳେ ଏହା ସ୍ପଷ୍ଟ କରିଥିଲେ ଯେ କିଶୋର କିଶୋରୀଙ୍କ ମଧ୍ୟରେ ସମ୍ମତିଯୁକ୍ତ ସମ୍ପର୍କ କେସ ଗୁଡ଼ିକରେ ଏହି ଆଇନର ଅପବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଦେଶରେ ପୋକ୍ସୋ ଆଇନ ଓ ଏହାର ଅପବ୍ୟବହାର ମାମଲା ଏକ ବଡ଼ ବିତର୍କ ମଧ୍ୟ ସୃଷ୍ଟି କରିଛି।

ପୋକ୍ସୋ ଆଇନର ମୂଳ ଉଦ୍ଦେଶ୍ୟ ମହତ ଥିଲା। ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ଲାଗି ଏହା ପ୍ରଣୟନ କରାଯାଇଥିଲା। କାରଣ ଏହି ସ୍ୱତନ୍ତ୍ର ଆଇନ ଆବଶ୍ୟକ ବୋଲି ଅନୁଭବ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଅନେକାଂଶରେ ସାଧିତ ହୋଇଛି। ଅନେକ ଅପରାଧୀଙ୍କ ବିରୋଧରେ ଏଥିଯୋଗୁଁ କାର୍ଯ୍ୟାନୁଷ୍ଠାନ ହୋଇଛି। କିନ୍ତୁ ସୁରକ୍ଷା ପାଇଁ ଏକ ଅତ୍ୟାବଶ୍ୟକ ପଦକ୍ଷେପ ବୋଲି ଆଇନ କାର୍ଯ୍ୟକାରିତା ସ୍ତରରେ ଅନେକ ସମସ୍ୟା ସୃଷ୍ଟି କରିଛି। ଏହାକୁ ବେଳେ ବେଳେ ଆୟୁଧ ଭାବେ ବ୍ୟବହାର କରାଯାଇ ସ୍ୱାଭାବିକ ସମ୍ପର୍କକୁ ବି ଦଣ୍ଡିତ କରିବା ପାଇଁ ପୋକ୍ସୋ ଆଇନର ଅପପ୍ରୟୋଗ ହେଉଛି। ଆଇନ ଅନୁସାରେ ୧୮ ବର୍ଷ ବୟସରୁ କମ ଜଣେ ବାଳିକା କୌଣସି ପରିସ୍ଥିତିରେ ଯୌନ ସମ୍ପର୍କ ପାଇଁ ସମ୍ମତି ଦେଇପାରିବ ନାହିଁ। ସୁତରାଂ ସେହି ବୟସ ଭିତରେ ଥିବା କୌଣସି ବାଳିକା ସହ ଯୌନ ସମ୍ପର୍କକୁ ଅପରାଧ ବୋଲି ଧରାଯିବ। ଗତ କିଛି ବର୍ଷ ଭିତରେ ସାମାଜିକ ରୀତି-ରିୱାଜ ବା ଆଚାର ବିଚାର ଏବଂ ଯୁବଶ୍ରେଣୀରେ ସମ୍ପର୍କର ପ୍ରକୃତି ଯଥେଷ୍ଟ ବଦଳି ଯାଇଛି। ଯୁବକଯୁବତୀ ପ୍ରେମରେ ପଡୁଛନ୍ତି ଓ ସେମାନଙ୍କ ସମ୍ପର୍କର ସୀମାକୁ ଖୋଜୁଛନ୍ତି ଏବଂ ବେଳେ ବେଳେ ଘର ଛାଡ଼ି ପଳାଉଛନ୍ତି। କିନ୍ତୁ ସମ୍ମତି ଯୁକ୍ତ ପ୍ରେମ ବ୍ୟାପାର ବେଳେ ବେଳେ ବାଳକକୁ ଆଇନର ଜାଲରେ ପକାଇ ଦେଉଛି ଓ ସେ ଗିରଫ ହୋଇ ଜେଲରେ ଭର୍ତ୍ତି ହେଉଛି। ଏଭଳି କେସ ଗୁଡ଼ିକରେ କିଶୋର ପ୍ରେମ ବିଧିଗତ ଦୁଷ୍କର୍ମ ବ୍ୟାଖ୍ୟା ପାଉଛି। ବେଳେ ବେଳେ କିଶୋର ମାନଙ୍କର ସବୁଠାରୁ ଭଲ ସମୟ କୋର୍ଟ କଚେରୀ ମାମଲାରେ ନଷ୍ଟ ହୋଇଯାଉଛି। ଆମ ଭାରତୀୟ ପାରିବାରିକ ସମାଜର ଚିତ୍ର ଯାହା ପ୍ରାୟତଃ ପୁଅଝିଅଙ୍କ ପ୍ରେମ ମାମଲାରେ ପିତାମାତାଙ୍କ ଅସମ୍ମତି ପ୍ରାୟତଃ ରହିଥାଏ। କେହି କେହି ଏହାକୁ ପୁରୁଣା ଚଳଣୀ ବା ରକ୍ଷଣଶୀଳତା କହିପାରନ୍ତି। ଦିନ ଥିଲା ପୁଅଝିଅ ବିବାହ ଯୋଗ୍ୟ ହେବା ପରେ ପିତାମାତା ସେମାନଙ୍କ ପାଇଁ ଉପଯୁକ୍ତ ପାତ୍ର ବା ପାତ୍ରୀ ବାଛୁଥିଲେ। ଏବେ ପ୍ରାୟତଃ ଅଧିକାଂଶ ପ୍ରେମ ବିବାହକୁ ପାରିବାରିକ ଆପୋଷ ବୁଝାମଣାର ବିବାହ ଭାବେ କୁହାଯାଉଛି। ଉତ୍ତର ଭାରତରେ ତଥା ଭାରତର ଅନେକ ଜାଗାରେ ଗୋଟିଏ ଗୋତ୍ରରେ କିମ୍ବା ରକ୍ତଜ ହୋଇଥିଲେ ପ୍ରେମ ବିବାହ ମାମଲା ଏତେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛି ଯେ ଅନରକିଲିଂ ପରି ଘଟଣା ସଂଘଟିତ ହେଉଛି। ପାଠପଢ଼ା ବୟସରେ ପ୍ରାୟତଃ ବାପା-ମାଆଙ୍କ ସ୍ୱାଭାବିକ ଆଶା ରହିଥାଏ ଯେ ପିଲାଟି ପ୍ରଥମେ ପାଠଶାଠ ପଢ଼ି ଏକ କର୍ମସଂସ୍ଥାନର ଯୋଗ୍ୟ ହେଉ କିନ୍ତୁ ବର୍ତ୍ତମାନର ସମୟ ଅନେକ କିଛି ବଦଳାଇ ଦେଇଛି। ସମୟ ବଦଳିବା ସହ ସମ୍ପର୍କର ବ୍ୟାପକତା ଏବଂ ପ୍ରେମ ସମ୍ପର୍କ ସମୟ ଭିତରେ ପୋକ୍ସୋ ସମ୍ବନ୍ଧୀୟ ମାମଲା କେବଳ ପୁଅଟିକୁ ନୁହେଁ ବାପା-ମାଆ ବି ଆଇନଗତ ଲଢ଼େଇ ଓ ସାମାଜିକ ଅପନିନ୍ଦାର ଶିକାର ହେଉଛନ୍ତି। ଅନେକ ଗରିବ ଓ ଅଶିକ୍ଷିତ ପରିବାରରେ ପରିସ୍ଥିତି ଏପରି ଅପମାନଜନକ କରିଦେଉଛି ଯେ ଗୋଟିଏ ଗୋଟିଏ କ୍ଷେତ୍ରରେ ବାପା-ମାଆ ଆତ୍ମହତ୍ୟା ମଧ୍ୟ କରିଦେଉଛନ୍ତି। ଆଇନଗତ ମାମଲା ପରିଚାଳନା ସମୟରେ ଆମେ ଅନେକ ସମୟରେ ଦେଖିଛୁ ଯେ ଅନ୍ୟ କୌଣସି କଳହ, ଜମିବାଡ଼ି ମାମଲା ବା ପାରିବାରିକ ମତଭେଦ ଭିତରେ ପୋକ୍ସୋକୁ ଏକ ବଡ଼ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଅପରପକ୍ଷ ନାମରେ ମିଥ୍ୟା କେସ ରୁଜୁ କରାଯାଉଛି। ତେଣୁ ପୋକ୍ସୋ ଆଇନ ବାସ୍ତବରେ ଯେପରି ଅପବ୍ୟବହାର ନ ହୁଏ ଏ ପ୍ରସଙ୍ଗରେ କେବଳ ଦାୟିତ୍ୱ ମାନ୍ୟବର ଅଦାଲତଙ୍କର ନୁହଁ ଏ ନେଇ ଆମ ସମସ୍ତଙ୍କ ଭିତରେ ସଚେତନତା ମଧ୍ୟ ଜରୁରୀ। ସେହିପରି ଆଇନର ଅପବ୍ୟବହାରକୁ ଆଇନଗତ ଭାବେ ରୋକିବାର ପନ୍ଥା ମାନ୍ୟବର କୋର୍ଟ ମଧ୍ୟ ନିରୂପିତ କରନ୍ତୁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮
E-mail : yudhishthir@redifmail.com

# କିଥିଲା କି ହୋଇଛି, ମୋ ଗ୍ରାମ

**ଅଜୟ କୁମାର ବେହେରା ■**

କୁହାଯାଏ ଈଶ୍ୱର ଗ୍ରାମ ସ୍ରଷ୍ଟା ଆଉ ମନୁଷ୍ୟ ସହର ସ୍ରଷ୍ଟା ଏହାକୁ ଟିକେ ତଳେଇ ଚାହିଁଲେ ବୁଝା ପଡ଼ିବ ଚଳିତ ସମୟରୁ ଅନେକ ପଛରେ ଥିବା ଥିଲା ସବୁ ସ୍ଥାନ ଅଧିବାସୀଙ୍କ ଥିଲା ଈଶ୍ୱର ନିଷ୍ଠା ତତ୍କାଳ ପ୍ରକୃତିର ସେ ଲୋକ ମାନେ ଥିଲେ ସପକ୍ଷବାଦୀ ଭିନ୍ନ ପ୍ରକାରରେ ଉପାସକ। ଜଣେ କେହି ଅଦୃଶ୍ୟରେ ଅଛି ଚାନ୍ଦ ସୁରଜ ଚଳାଉଛି ଯେ ବିଆନା କରରେ ମାଟି ବାସିନ୍ଦାଙ୍କୁ ଜ୍ୟୋସ୍ନା ଆଉ କର ଦେଇ ଆଲୋକରେ ରଖୁଛନ୍ତି। ସବୁଦିନେ ସବୁବେଳେ କାହିଁକି ଆକାଶରୁ ଜଳ ବର୍ଷଣ ହେଉନାହିଁ? ବୃକ୍ଷଲତା ଉଦ୍ଭିଦମାନେ କୌଣସି ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ ନ ହେଉ ଥିଲେ କିପରି ସେମାନେ ଶୃଙ୍ଖଳିତ ପୁଣି ତ୍ୟାଗୀ ହୋଇ ମାନବ ଜାତିଙ୍କୁ ସମୟ ଅନୁସାରେ ଭୋଜନର ଉତ୍ସ ଯୋଗାଉନଥାନ୍ତେ? ମାନବୀୟ ଶ୍ରମ ବିଶ୍ରାମ ସେହି ଅଦୃଶ୍ୟ ଶକ୍ତିର ପ୍ରେରଣା ଓ ଇଙ୍ଗିତରେ ହିଁ ପରିଚାଳିତ। କେହି ଆଗ ଜନ୍ମା ତାଙ୍କ ଦେଖା ଅତୀତର ଅନୁଭବ କରିବା ପାଇଁ ସେ ଗଣ୍ୟମାନ୍ୟ ବ୍ୟକ୍ତିରେ ଆସୁଥିଲେ।

ଭଗବାନ କାହାକୁ ନିର୍ବାସନ ଦଣ୍ଡ ଦେଇ ପାରନ୍ତି ନାହିଁ। ଏ ସଂସାରର ସେ ଅଖଣ୍ଡ ମାଲିକ, ଏ ସଂସାରର ସମସ୍ତ ସ୍ଥାବର ଜଙ୍ଗମଙ୍କ ସେ ନିୟାମକ। ଏଇଥିରୁ ଦ୍ରଷ୍ଟା ଋଷିଗଣ ସେ ଶ୍ରୁତି ପଥର ମାର୍ଗରେ ଶିଷ୍ୟ ଗଣଙ୍କୁ ସେ ଅଖଣ୍ଡ ମାଲିକଙ୍କ ଲୀଳା ବୟାନ କରି କରି ଚାଲିଲେ ସମୟ ବଢ଼ିଲିଲା ଲିପି ଲେଖନର ମାର୍ଗ ଆସିଲା ଶାସ୍ତ୍ର ଲେଖା ହେଲା, ଆଶ୍ରମ, ମଠ, ଚତୁଃଷ୍ପାଠୀରେ ଏକ ଗୁରୁଙ୍କ ଠାରୁ ଅନେକ ଶିଷ୍ୟ ଜ୍ଞାନମାନ ଶିକ୍ଷା କରିତ ଶିକ୍ଷାର ଶ୍ରୁତି ଲିଖନ ଲିଖିତ ଭାଷାରେ କଲେ। ଶିଷ୍ୟ ମାଳ ମାଳ, ଗୁରୁ କିନ୍ତୁ ଅଭାବ, ଏ ପାଇଁ ଜିଜ୍ଞାସୁ ମାନେ ପଥଖୋଜି ଗୁରୁଙ୍କ ଠିକଣାରେ ଦୂର ସ୍ଥାନରେ ପହଞ୍ଚି ଗୁରୁ ଆବାସରେ ରହି ଅନେକ ଶ୍ରମ କରି ଜ୍ଞାନ ଆହରଣ କରି ନିଜେ ଜଣେ ଜ୍ଞାନୀ ମଣିଷରେ ଗଣା ହେଉଥିଲେ। ଏହା ଏକ ପରମ୍ପରା ପୁଣି ହୋଇ ଅନେକ ବର୍ଷ ଚାଲିଲା ଏ ପଦ୍ଧତି ଗୁରୁକୁଳ ଶିକ୍ଷା। ଆମ ଗ୍ରାମର ପ୍ରାକ କାଳର ଅନେକ ପୁରୁଷ ଏପରି ଗୁରୁକୁଳରେ ପଢ଼ିଥିଲେ। ପୂର୍ବେ ଲୋକେ ଏପରି ହାଉଜାଉ ନଥିଲେ ଛୋଟ ଛୋଟ ଗୋଷ୍ଠୀରେ କିଛି ପରିବାର କିଛି କିଛି ଭୂମି ଅବାଦ କରି ଚାଷ ଦ୍ୱାରା ସ୍ୱ ସ୍ୱ ପରିବାରର ଅନ୍ନ ଯୋଗାଡ଼ ବ୍ୟବସ୍ଥା ସହ ଚଳଣିର ଆନୁସଙ୍ଗିକ ଦ୍ରବ୍ୟ ଆବଶ୍ୟକ ଦୃଷ୍ଟେ ବିଭିନ୍ନ ବୃତ୍ତିଧାରୀଙ୍କୁ ସ୍ୱ ବାସ ଭୂମି ସନ୍ନିକଟ ଅନେକ ଅନଆବାଦୀରେ ଥଇଥାନ କରାଇ ଥିଲେ ବିଭିନ୍ନ ବୃତ୍ତିଧାରୀଙ୍କ ଆବାସ ସ୍ଥାନ ସାହି ଓ ସାହି ସମୂହକୁ ଗ୍ରାମ ନାମ ଦିଆଯାଇ ନାମକାରଣ ବି କରାଯାଇଥିଲା। ଏପରି ସବୁ ଗ୍ରାମର ସବୁ ସାହିର ନାମ ଏବେ ବି ଉଦଘୋଷ ରହିଛି। ଆମ ଗ୍ରାମ ତରଡ଼ାପଡ଼ା ନାମରେ ବହୁ ପ୍ରାକ କାଳ ରାଜକୀୟ ବନ୍ଦୋବସ୍ତ କରିବ ରେକର୍ଡ଼ରେ ରହି ଆସିଛି ଦିନେ ଏହାର ବ୍ୟାପକ ଅଖଣ୍ଡ ଆଡ଼ଦୀର୍ଘ କ୍ଷେତ୍ର ପୂର୍ବରୁ ପଶ୍ଚିମ, ଦକ୍ଷିଣରୁ ଉତ୍ତର ବ୍ୟାପ୍ତି ରହିଥିଲା। ଚାଷକୁ ସୁବିଧା ପାଇଁ ନଅଙ୍କ ଦୁର୍ଭିକ୍ଷ ପରେ ବ୍ରିଟିଶ ରାଜରେ କେନାଲ ଖୋଳା ହେବାରୁ ପୂର୍ବ ଦକ୍ଷିଣରେ କ୍ଷେତ୍ର ବିଭାଗ ହୋଇ ଗ୍ରାମ କ୍ଷେତ୍ର ସଂକୁଚିତକୁ ପଶ୍ଚିମରେ ରାଜପଥ ଯାଇ ରାସ୍ତା ଭୂମି ଦ୍ୱିଭାଗ କରିଦେଲା ହେଲେ ଗ୍ରାମର ଅନେକ ସାହି ଗ୍ରାମରେ ରାସ୍ତା ସେପଟେ ରହିଛି ଉତ୍ତର ଦିଗରେ ଓ ଦକ୍ଷିଣ ଦିଗରେ ଦୁଇ ଇସଲାମିକ ସାହି ରହି ସ୍ୱ ସ୍ୱ ସ୍ୱତନ୍ତ୍ର ନାମରେ ଉତ୍ତରରେ ମଜୁରାଇ ଦକ୍ଷିଣରେ ଦଶବାଟିଆ ନାମରେ ପରିଚିତ। ଏମାନଙ୍କର ଭାଇଚାରା ସମ୍ବନ୍ଧ ମୋଦେଖା ବିଗତ ସାତ ଦଶକ ବର୍ଷ ମଧ୍ୟରେ ଭଲ ରହିଆସିଛି। ଆମ ଗ୍ରାମର କେଇ ଖଣ୍ଡ ଧାନ ବିଲ ଛାତରେ ନାମଧନ୍ୟ ଖଣ୍ଡାୟତ ଚାଷୀ ଗ୍ରାମ, ବଡ଼ ଲହଙ୍ଗା ବସନ୍ତପୁରଦ୍ୱୟ ସାମିଲଗ୍ରାମ ଏ ଗ୍ରାମ ଖାଲି ଆମ ତରଡ଼ାପଡ଼ା ପଞ୍ଚାୟତ ନୁହେଁ ସମଗ୍ର ଜଗତସିଂହପୁର ଜିଲ୍ଲାର ଏକ ଖ୍ୟାତ ଅନ୍ନପୂର୍ଣ୍ଣା ଭଣ୍ଡାର ସରଳ କଥାରେ ଭାତ ହାଣ୍ଡି କହିଲେ ଅତ୍ୟୁକ୍ତି ହେବନାହିଁ। ଆମ ଗ୍ରାମର ଅନେକ ଧାନଜମି ଏହି ମୁକାମ ବ୍ୟକ୍ତି ମାନଙ୍କ ଜମି ପାଖ ସାମିଲ ଥିଲା ଆମ ଗ୍ରାମ ଲୋକେ ନିଜ ହାତରେ ସବୁ ଜମି ଚାଷ ନକରି ଭାଗ ଦେଉଥିଲେ ଆସ୍ତେ ଆସ୍ତେ ଚାଷ କ୍ଲିଷ୍ଟ ବୋଧକରି ଚାଷଜମି ସେମାନଙ୍କୁ ଆମ ଗ୍ରାମ ଜମି ମାଲିକ ମାନେ ବିକ୍ରୟ କରି ଦେଇଛନ୍ତି ପୁଣି ସରକାରୀ କାନୁନରେ ଧୂଳି ଭାଗରେ ଅନେକ ଭାଗ ଚାଷୀ ଜମି ମାଲିକ ହୋଇଗଲେ।

ଆମ ଗ୍ରାମରେ ମୁଖ୍ୟ ଉପାସ୍ୟ ଦେବତା ନୃସିଂହ ନାଥ ତାଙ୍କୁ ପ୍ରତିଷ୍ଠା କରାଇଥିବା ମୁଖ୍ୟତଃ ତିନି ପରିବାରର ଅତୀତ ପୁରୁଷ ମାନେ ହରିଚନ୍ଦନ, ଶ୍ରୀଚନ୍ଦନ, ମଙ୍ଗରାଜ, ସଂଜ୍ଞାଧାରୀ, ଏମାନେ କରଣ କ୍ଷତ୍ରୀୟ ରାଜବଂଶୀ, ଖୋର୍ଦ୍ଧାରୁ ଏମାନେ ଆସିବା ପ୍ରମାଣ ରହିଛି, କାଞ୍ଚି ବିଜୟକୁ ଯାଇଥିବା ରାଜା ପୁରୁଷୋତ୍ତମଙ୍କ ଆଗ୍ରଗାମୀ ସେନା ଜଗନ୍ନାଥ ବଳଭଦ୍ରଙ୍କ ସ୍ମୃତି ବହନକାରୀ ଏହି ଗ୍ରାମର ଏହି ତିନି କ୍ଷତ୍ରୀୟ ପରିବାର ଜଗନ୍ନାଥ ବଳଭଦ୍ରଙ୍କ ଦ୍ୱୟମୂର୍ତ୍ତି ଦାରୁ ନିର୍ମିତରେ ପ୍ରତିଷ୍ଠା ହୋଇ ଅନେକ ବର୍ଷ ହେଲା ସେମାନଙ୍କ ବଂଶାନୁକ୍ରମିକ ପୂଜ ସେବା ହୋଇ ଆସୁଛନ୍ତି। ଏହି ତିନି ବଂଶର ଅତୀତ ଦାୟାଦ ମାନେ କୁଜଙ୍ଗ ରାଜାଙ୍କ ଅଧୀନରେ ରାଜକର୍ମଚାରୀ ଥିଲେ, କୁଜଙ୍ଗ, ହରିଶପୁର ମରିଚପୁରରେ ଯେତେବେଳେ ନାମକରା ସମୁଦ୍ର କୂଳଭୂମି ଅଧିକାରୀ ପ୍ରତାପୀ ରାଜବଂଶ ଥିଲେ। ଏହାସବୁ ତତ୍କାଳ ପୂର୍ଣ୍ଣ ରାଜ୍ୟ ରୂପେ ଲୋକରେ ଡାକ ଥିଲା ଏହା ବ୍ୟତୀତ ଅନେକ ଖଣ୍ଡ ରାଜ୍ୟ ବା ପଡ଼ା ରାଜ୍ୟ ଥିଲା, ପଡ଼ା ଗୁଡ଼ିକରେ ଜମିଦାର ପ୍ରଶାସନ ଥିଲା। ଆମ ଗ୍ରାମ ସେହି ପରି ଜମିଦାରୀରେ ଥିଲା, ଏ ଗ୍ରାମର ବଡ଼ ଜମିଦାର ନୃସିଂହ ନାଥ ଠାକୁର ଓ ତାଙ୍କ ଜମିର ତତ୍ତ୍ୱ ଅବଧାରକ ମାନଙ୍କର ଜମି ସେବା ବା ବଡ଼ ଉପଭୋକ୍ତା ହେବାକୁ ହେତା ଦିଆଯାଇଥିଲା ଯେତେବେଳେ ଜମିଦାରୀ ପ୍ରଥା ଉଠିଗଲା ସେବାକାରୀଙ୍କ ଚାଷ ଜମି ତାଙ୍କର ନାମରେ ଭେସିଙ୍ଗ ହୋଇ ହୋଇଗଲା ଠାକୁରଙ୍କ ସେବା ସେମାନେ ପୂର୍ବ ପରି ଆଉ କଲେ ନାହିଁ ଠାକୁର ସେବା ରହିତ ହେଲେ ଠାକୁରଙ୍କ ଯାନିଯାତ୍ରା ପର୍ବ ପର୍ବାଣୀ ସବୁ ଏକ ପ୍ରକାର ସଂକୁଚିତ ହୋଇଗଲା ଠାକୁର କାନ୍ଧିଆ ଦୋଳଯାତ୍ରାରେ ଅଭାବ ଅନେକ ପ୍ରକାର ସେବା ପାଇଁ ଖଞ୍ଜା ଯାଇଥିବା ସେବାକାରୀ ରହିପାରିଲେ ନାହିଁ।

ଯେଉଁ ଠାକୁରଙ୍କ ସମ୍ପତ୍ତି ସତବାଟି ସାତମାଣ, ସାତଗୁଣ୍ଠ, ସାତ ବିଶ୍ୱା, ଥିଲା ସେ ସବୁ ଜମିଦାରୀ ବିଲୁପ୍ତରେ ସେବାକାରୀଙ୍କ ନିଜ ନାମରେ ଦରଜ ହୋଇଗଲା। ସେହିପରି ମାରଫତଦାରଙ୍କ ଜମି ଚାଲିଗଲା ଯାହା ନିଜ ଚାଷ ଥିଲା। ନିଜେ ମୂଳ ମଜୁରୀ ଦେଇ ଚାଷକୁ ଅପାରଗ ବୋଧକରି ଜମି ବିକ୍ରୟ କରି ଆସୁଛନ୍ତି। ଏଣେ ପୂର୍ବ ପରି ଚଳଣି ଆଡ଼ମ୍ବରରେ ଥାଟ ବାଟ ରହିଲା ନାହିଁ ଆୟ ସ୍ରୋତ ସଂକୁଚିତ ବେଳକୁ ବେଳ ବଢ଼ିଲା ପିଲାଙ୍କ ପାଠ ପଢ଼ା ବିବାହ ଆଦିରେ ବଡ଼ ବଡ଼ ଖର୍ଚ୍ଚ ପାଇଁ କେବଳ ଚାଷ ଜମି ବିକ୍ରି ଚାଲିଲା, ଅନେକ ସହରକୁ ଯାଇ ବସତି କରିବାରୁ ଜମି ପାଇଁ ନିଘା ରଖିଲେ ନାହିଁ ଏପରିକି ଗ୍ରାମ ଜମି ବିକ୍ରୟ କରି ସହରୀ ଜମି କିଣି ଘର ନିର୍ମାଣକାରୀ ବାସ କରୁଛନ୍ତି, ପୂର୍ବର ସେ ଗ୍ରାମ ପରମ୍ପରା ରଖିବାକୁ ଏକ ପ୍ରକାର ବିମୁଖ ପରମ୍ପରା ରକ୍ଷା ପାଇଁ ଅର୍ଥ ସମୟ ମନୋଭାବ ବାଧକ ସାଜୁଛି କେବଳ କର୍ପୂର ଯାଇଛି କନା ପଡ଼ିଛି ପୂର୍ବେ ଗ୍ରାମ ମାଧ୍ୟରେ ଭୂମି ମୂଲ୍ୟବାନ ଥିଲା ରାସ୍ତା କଡ଼ ଜମିକୁ କେହି ପଚାରୁ ନଥିଲେ ଗ୍ରାମର ତତ୍କାଳ ଜମିଦାରମାନେ କଲୋନୀ ପରି କ୍ଷେତ ଖମାରରେ କାମ କରିବା ମୁଲିଆ ଶ୍ରେଣୀ ଲୋକଙ୍କୁ ଢ଼ିଅ ଜମି ବାଉଁଶ ନଡ଼ା ଯୋଗାଇ ସେମାନଙ୍କ ଶ୍ରମରେ ଘର ନିର୍ମାଣ କରାଇ ଥଇଥାନ ରାସ୍ତା କଡ଼ ଜମିରେ କରାଇଥିଲେ ଏବେ ସେସବୁ ଜମି ସେହି ଶ୍ରମିକଙ୍କ ଉତ୍ତରାଧିକାରୀଙ୍କର ଅକ୍ତିଆର ଭୁକ୍ତ ଜମି ହୋଇ ଯାଇଛି ତାହା ଅମୂଲ ମୂଲ୍ୟ ଗ୍ରାମ ପୂର୍ବ କାଳର ସମ୍ଭ୍ରାନ୍ତ ଘର ଛାଉଣୀ ନ ହୋଇ ମାଙ୍କଡ଼ ଚିତକୁ ରାସ୍ତାକଡ଼ରେ ସୁଦୃଶ୍ୟ କୋଠା ଘର ମୁଣ୍ଡ ଟେକିଲାଣି। ଯେଉଁ ପରିବାରଜନ ଆଜ୍ଞାବହ ଥିଲା ସେହି ପରିବାର ଲୋକେ ଭଲ ସ୍ୱଚ୍ଛଳ ଅବସ୍ଥାରେ ପାଠପଢ଼ି ଚାକିରୀ ଧନ୍ଦାରେ ରହି ଯୋଗୁ କାହାରି କଥା ଶୁଣିବାକୁ ସମୟ ପାଉନାହାନ୍ତି। ସେମାନେ ଉତ୍ତମ ଚଳଣିରେ ରହିଛନ୍ତି। ଏଇ ଚିତ୍ର ଆମ ଗ୍ରାମ ନୁହେଁ ପ୍ରାୟ ସବୁ ଗ୍ରାମରେ ଊଣା ଅଧିକେ ଦୃଶ୍ୟ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଇଂରାଜୀ ବନାନ ସଂଶୋଧନ ଦିଗ

**ଡ଼ଃ.ଅରୁନ୍ଧତୀ ଦେବୀ**

ବନାନ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ତା'ମଧ୍ୟରେ ସାତଟି ଜିଲ୍ଲାର ଇଂରାଜୀ ବନାନ ମଧ୍ୟ ବଦଳିବ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏ ପ୍ରସଙ୍ଗରେ 'କଟକ' ନାମକରଣକୁ ନେଇ ମଧ୍ୟ ପୂର୍ବରୁ ବିବାଦ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ଓ ଇଂରାଜୀ ବନାନ ଭିନ୍ନ ଥିବା ବେଳେ ପୂର୍ବରୁ କଟକ ସହରର ବୁଦ୍ଧିଜୀବୀମାନେ ଏ ନେଇ ଆପତ୍ତି ଉଠାଇଛନ୍ତି। ଯଦିଓ ଏବେ ସୁଦ୍ଧା ଏ ବାବଦରେ ଲମ୍ବା ବିତର୍କ କିମ୍ବା ଆଲୋଚନା ହୋଇନାହିଁ। ଏବେ ସାତ ଜିଲ୍ଲାର ଇଂରାଜୀ ବନାନ ବଦଳିବା ପରେ ଓଡ଼ିଶା ପୁରୁଣା ରାଜଧାନୀ କଟକର ବନାନ ପରିବର୍ତ୍ତନକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ଖୁର୍ଦ୍ଧା କି ଖୋର୍ଦ୍ଧା ନୁହେଁ, ଏଣିକି ଖୋରଧା। ଆଉ ଲେଖାଯିବନି ଦେଓଗଡ଼, ସବୁଠି ରହିବ ଦେବଗଡ଼। ଅନୁଗୁଳ ହେବ ଅନୁଗୋଳ। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଇଂରାଜୀ ବନାନ ସଂଶୋଧିତ ହେବ। ଏଣିକି କୁହାଯିବ ଆଳି ଓ ଇଂରାଜୀରେ ଲେଖାଯିବ ମଧ୍ୟ ଆଳି ଓ ଇଂରାଜୀ ଲେଖାଯିବ ମଧ୍ୟ ଆଳି। ଏମିତି ଲେଖା ଯିବ, ଯେମିତି ଉଚ୍ଚାରଣକୁ ନେଇ ଦ୍ୱନ୍ଦ୍ୱ କିମ୍ବା ଭିନ୍ନତା ରହିବନି।

ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲା, ବ୍ଲକ, ତହସିଲକୁ ନେଇ ଥିବା ନାମର ଦ୍ୱନ୍ଦ୍ୱ ଦୂର କରାଯିବ। ଇଂରାଜୀ ବନାନ ଏବଂ ଓଡ଼ିଆ ଉଚ୍ଚାରଣରେ ରହିବ ସମାନତା। ଏ ନେଇ ୧୧ଟି ଜିଲ୍ଲାର ମୋଟ ୨୫ଟି ସ୍ଥାନର ଇଂରାଜୀ ନାମର ବନାନ ସଂଶୋଧିତ କରିବାକୁ ପ୍ରସ୍ତାବ ଜାରି କରିଛି ବିଭାଗ। ଗତକାଲି ଏହି ପ୍ରସ୍ତାବକୁ ନେଇ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଉଛି। ୧୫ଦିନ ମହଲତ ଦିଆଯାଇଛି। ଏହି ତାଲିକାରେ ମାଲକାନାଗିରି ପଡ଼ିଆ ବ୍ଲକ, ଦେବଗଡ଼, କନ୍ଧମାଳ, ଖୋରଧା, ବୋଲଗଡ଼, ବାଣପୁର, ଜଟଣୀ, ଅନୁଗୋଳ, ପାଲହଡ଼ା, ଆଠଗଡ଼, ସାଲେପୁର, ବଡ଼ମ୍ବା, ବାଲେଶ୍ୱର, ନୀଳଗିରି, ଆଳି, କେନ୍ଦ୍ରାପଡ଼ା ମହାକାଳପଡ଼ା, କେନ୍ଦୁଝରେ, ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼, ଦଶପଲ୍ଲା ନାମ ରହିଛି। ଏସବୁ ସ୍ଥାନର ନାମର ପ୍ରକୃତ ଓଡ଼ିଆ ଉଚ୍ଚାରଣ ଏବଂ ଇଂରାଜୀ ବନାନ ଭିତରେ ଅନେକ ଫରକ ରହୁଛି। ଏହାକୁ ନେଇ ନାମର ଉଚ୍ଚାରଣରେ ବିଭିନ୍ନ ସମୟରେ ଭିନ୍ନତା ରହୁଛି।

# ବିଚାର ବ୍ୟବସ୍ଥାରେ ସଂସ୍କାର ଓ ସାମ୍ବିଧାନିକ ଲକ୍ଷ୍ମଣରେଖା

**ଯୁଧିଷ୍ଠିର ମହାରଣା ■**

ପାଖାପାଖି ଅଶୀ ବର୍ଷର ଘଟଣାବହୁଳ ଯାତ୍ରାପଥରେ ଦେଶ ଚାଲିଛି। ଭାରତ ସ୍ୱାଧୀନତା ପାଇବା ପରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଆହ୍ୱାନକୁ ସମ୍ମୁଖୀନ ହୋଇଛି। ଭାରତର ସମ୍ବିଧାନ ବିଶ୍ୱର ସର୍ବବୃହତ୍ତ ମର୍ଯ୍ୟାଦାଜନକ ସମ୍ବିଧାନର ସମ୍ମାନ ପାଇଥାଏ ଏବଂ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର। ବିଶ୍ୱ ଗୁରୁର ମର୍ଯ୍ୟାଦା ପାଇ ପୃଥିବୀର ଚତୁର୍ଥ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ହେବାକୁ ଯାଉଥିବା ଭାରତର ସାମଗ୍ରିକ ଶାସନ ଚିତ୍ରକୁ ଟିକିଏ ନିରିଖେଇ ଦେଖିଲେ ଯେ କେହିଙ୍କ ଭିତରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠିବ ଯେ ଆମ ଗଣତନ୍ତ୍ରର ଚାରି ସ୍ତମ୍ଭ କୁହାଯାଉଥିବା ନ୍ୟାୟପାଳିକା, କାର୍ଯ୍ୟପାଳିକା, ବିଧାନ ପାଳିକା ଓ ଗଣମାଧ୍ୟମ ସମସ୍ତେ ନିଜ ନିଜ ଭୂମିକା ଓ ଗୁରୁଦାୟିତ୍ୱ ନିଷ୍ପାପର ଭାବେ ସ୍ୱାଧୀନଚେତା ସହିତ ନିର୍ବାହ କରୁଛନ୍ତି ତ? ଏହାର ଉତ୍ତର ଅନେକଙ୍କ ପାଇଁ ମଧୁରମୟ ବା ଆସ୍ତିବାଚକ ନ ହୋଇପାରେ, ନ ହେବା ମଧ୍ୟ ସ୍ୱାଭାବିକ। ଆମେ ସ୍ୱାଧୀନ ଭାରତର ନାଗରିକ, ଆମ ସମ୍ବିଧାନ ହିଁ ଆମର ଶକ୍ତି। ଆମେ ଯେଉଁ ମୌଳିକ ଅଧିକାର ପାଇଛୁ ଏହି ସ୍ୱାଧୀନତାକୁ ବ୍ୟବହାର କରିବା ସମୟରେ ହେଉ ବା କ୍ଷମତାର ପ୍ରୟୋଗ। ଅନେକ କ୍ଷେତ୍ରରେ ଉତ୍ତରଦାୟିତ୍ୱ ବଡ଼ ପ୍ରଶ୍ନ ସୃଷ୍ଟି କରିଥାଏ। ବିଧାନପାଳିକା କଥା ଆଲୋଚନା କଲାବେଳେ ଆମ ମାନଙ୍କର ପ୍ରତିନିଧି ବା ନିର୍ବାଚିତ ଜନପ୍ରତିନିଧି ନାଗରିକ, ଦେଶ ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହରେ ସକ୍ଷମ ତ? ସେହିପରି ବିରୋଧୀ ଦଳର ଭୂମିକା ଆଚରଣ ଓ ଉଚ୍ଚାରଣ ଦୁଇଟି ପରି ପ୍ରଦର୍ଶିତ ହୋଇ ଏହା ଶାସନ କ୍ଷେତ୍ର ନିମିତ୍ତ ବିଶେଷକରି ଗଣତାନ୍ତ୍ରିକ ଅନୁଷ୍ଠାନ ପାଇଁ ଆହ୍ୱାନ ପୂର୍ଣ୍ଣ ହୋଇପାରୁନି। ଅନେକ କ୍ଷେତ୍ରରେ ଆମ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକା ଲକ୍ଷ୍ମଣ ରେଖା ଅତିକ୍ରମ କରୁଛି ବୋଲି ଘଟଣାବଳୀ ସୃଷ୍ଟି ହେଉଛି ଏବଂ ପ୍ରସଙ୍ଗ କେବଳ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁନାହିଁ ବରଂ ନ୍ୟାୟପାଳିକାକୁ ଦାୟିତ୍ୱ ନିର୍ବାହ ନିମିତ୍ତ ହସ୍ତକ୍ଷେପ କରିବାକୁ ପଡୁଛି।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି। ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି। ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷ୍ମଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ। କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ। ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚରତାର ଆଡ଼କୁ ଟାରି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ।

ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ପଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ। ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ନିମିତ୍ତ ସୋସାଇଟି ଫର ଫାଷ୍ଟ ଜଷ୍ଟିସ କଟକ ପକ୍ଷରୁ ଆସନ୍ତା ବାଇଶି ତାରିଖ ରବିବାର ଦିନ ଅପରାହ୍ନ ଚାରିଟା ସମୟରେ କଟକ ଟାଉନହଲ ଠାରେ ଏକ ଜାତୀୟ ସେମିନାର ଆୟୋଜିତ ହେବ। ଏଥିରେ ସଂଗଠନର ସର୍ବଭାରତୀୟ ସଭାପତି ଭଗବାନ ଭାଇରହିୟାନୀ, ରାଷ୍ଟ୍ରୀୟ ଆବାହକ ପ୍ରବୀଣ ଭାଇ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, କଟକ ସଦର ବିଧାୟକ ପ୍ରକାଶ ସେଠୀ ପ୍ରମୁଖ ଯୋଗଦାନ କରିବେ। ବିଚାର ବ୍ୟବସ୍ଥାରେ ସଂସ୍କାର ଚାହୁଁଥିବା ଓକିଲ, ଯୁବକ, ଶିକ୍ଷାବିତ, ସାମାଜିକ କର୍ମୀ, ବୁଦ୍ଧିଜିବୀ, ଛାତ୍ର ଓ ଜନସାଧାରଣ ଏହି ସେମିନାରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ଏହି ଲେଖକ ସହିତ କାଳନ୍ଦୀ ମହାଳିକ, ନିହାର ରଞ୍ଜନ ଦାସ, କଟକ ଶାଖାର ସଭାପତି ଅମୀୟ କୁମାର ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ ସାମଲ, ମାନସ ପାଢ଼ୀ ପ୍ରମୁଖ ନିବେଦନ ରଖିଛନ୍ତି। ଆମ ଆଲୋଚନାଟି କେବଳ ଗଣତନ୍ତ୍ରର ଚାରିସ୍ତମ୍ଭ ନିମିତ୍ତ ନୁହେଁ। ଆମ୍ଭ ମାନଙ୍କର ମଧ୍ୟ ସମାଜ, ରାଜ୍ୟ, ଦେଶ ପ୍ରତି ଯଥେଷ୍ଟ ନିଷ୍ଠାବାନ ଓ ସଚେତନଧର୍ମୀ ଉତ୍ତରଦାୟିତ୍ୱ ରହିଛି। ଆମ ସମ୍ବିଧାନ ଆମକୁ ଯେଉଁ ସ୍ୱାଧୀନତା ଓ ଅଧିକାର ଦେଇଛି ସେଥିନିମିତ୍ତ ଆମେ ନିଜ ସ୍ୱାବଲମ୍ବନ, ପରିଚୟ ସୃଷ୍ଟି ସହ ଅର୍ଥ ଉପାର୍ଜନ କରି ସାମାଜିକ ପ୍ରତିଷ୍ଠା ପାଇପାରୁଛୁ। ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଊର୍ଦ୍ଧ୍ୱରେ ଆମ ସମାଜ ପାଇଁ, ଆମ ପାଇଁ କେତେକ ସଂସ୍କାର, ଶିଷ୍ଟତା, ସଂଯମତା ଓ ସୀମାତିକ୍ରମତାର ରେଖା ଟାଣିଛି। ତେଣୁ ଏହି ରେଖାଯେପରି ଉଲ୍ଲଂଘନ ନହୁଏ ଏହା ଆମ ପାଇଁ ବଡ଼ ଉତ୍ତର ଦାୟିତ୍ୱ। ପରିବେଶଜନିତ ସଙ୍କଟ ବିଶ୍ୱରେ ଅଶାନ୍ତିମୟ ପରିବେଶ, ଚର୍ତୁଦିଗରେ ପ୍ରଦୂଷଣର କାୟା, ସାଂସ୍କୃତିକ ଅବକ୍ଷୟ ଆମ୍ଭମାନଙ୍କୁ ଭାରାକ୍ରାନ୍ତ କରୁଛି। ଆମ ମହାନ ସମ୍ବିଧାନ ସ୍ୱାଧୀନତାର ଲମ୍ବା ଯାତ୍ରାର ଅମୃତମୟ ସମୟରେ ଯେତିକି ବଢୁଛି ସେତିକି ପ୍ରଭାବୀ ମଧ୍ୟ ହୋଇପାରୁଛି। ସାମ୍ବିଧାନିକ ମୂଲ୍ୟବୋଧର ସମ୍ମାନ ଓ ଅଖଣ୍ଡ ସୁରକ୍ଷା ହେଉଛି ଆମର ଆମ ଜନ୍ମଭୂମି, ଆମ ମାତୃଭୂମି ପାଇଁ ଶ୍ରେଷ୍ଠ ଦାୟିତ୍ୱବୋଧ।

ସଭାପତି, ଓଡ଼ିଶା ଶାଖା, ସୋସାଇଟି ଫର ଫାଷ୍ଟ ଜଷ୍ଟିସ, ଉତ୍ତମାପୁର, ଗୋପାଳପୁର, କଟକ,
ଦୂରଭାଷ : ୯୪୩୭୧୬୩୫୨୮



# ଯୁବମୋର୍ଚ୍ଚାର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ

ଜଟଣୀ,୨୨।୩:(ମନ୍ଥନ)ଓଡ଼ିଶା ରାଜ୍ୟରେ ଜନପ୍ରିୟ ହୋଇଥିବା ଦୈନିକ ସମ୍ବାଦ କାଗଜ ଯୁବମୋର୍ଚ୍ଚାର ଚତୁର୍ଥ ବାର୍ଷିକ ଉତ୍ସବ ୨୨ ମାର୍ଚ୍ଚ ଦିନ ମହା ଧୁମଧାମର ସହିତ, ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ସଂସ୍କୃତିଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ଏହି ଶୁଭ କାର୍ଯ୍ୟ ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ, ପ୍ରଦୀପ ପ୍ରଯୋଳନ କରି ସଭାକାର୍ଯ ଆରମ୍ଭ କରାଯାଇଥିଲା । ଉତ୍ତମ ନାଚ ଗୀତରେ ପରିବେଶ ଗର୍ଜି ଉଠିଥିଲା । ପବିତ୍ର ଶ୍ରୀକ୍ଷେତ୍ର ଧାମରେ ପହଞ୍ଚିଥିଲେ, ବହୁ ଜ୍ଞାନୀ, ଗୁଣୀ, ସାହିତ୍ୟିକ ବନ୍ଧୁ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ମାନେୟ ଏତଦବ୍ୟତୀତ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୁବମୋର୍ଚ୍ଚାର ପାଠକ, ପାଠିକା ମାନେ ଯୋଗଦାନ କରି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ପ୍ରାୟ ୫୦୦ ଶହରୁ ଉର୍ଦ୍ଧ୍ୱ ପ୍ରେକ୍ଷାଳୟରେ ଏକତ୍ରିତ ହୋଇଥିଲେ । ଯୁବମୋର୍ଚ୍ଚା କାଗଜଟି ଦିର୍ଘ ୪ ବର୍ଷରୁ ସାପ୍ତାହିକ ପତ୍ରିକା ଭାବେ ପ୍ରଚରିତ ହେଉଥିଲାୟ ଆଜି ତହା ପୂର୍ଣ୍ଣାଙ୍ଗ ଏବଂ ଦୈନିକ ସମ୍ବାଦ କାଗଜରେ ପରିଣତ ହୋଇଛି । ମହାପ୍ରଭୁଙ୍କ ଅପାର କରୁଣା ଏବଂ ଅଗଣିତ ପାଠକ ପାଠିକାଙ୍କ ସ୍ନେହ, ଶ୍ରଦ୍ଧା ବଳରେ ଏହି ଯୁବମୋର୍ଚ୍ଚା ସମ୍ବାଦ କାଗଜଟି ଓଡ଼ିଶାର ଗଣମାଧ୍ୟମ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଜୁବମୁର୍ଚ୍ଛା କାଗଜଟି କହେ ଜାଣିବାର ଅଧିକାର ପାଠକ, ପାଠିକା ମାନଙ୍କର, ଜଣେଇବାର ଅଧିକାର ଯୁବମୋର୍ଚ୍ଚାର । ଏଥିପାଇଁ ସମ୍ପାଦକ ଏବଂ



ପ୍ରକାଶିକାଙ୍କ ବଳିଷ୍ଠ ନେତୃତ୍ୱ ତଥା ଦୂରଦୃଷ୍ଟି ଯୋଗୁଁ ଯୁବମୋର୍ଚ୍ଚା ସବୁବେଳେ ଅଗ୍ରଣି ଖବର ପରିବେଷଣ କରିଚାଲିଛି । ତାହାସହିତ ସତ୍ୟ, ନିର୍ଭୀକତା ଏବଂ ନିରପେକ୍ଷତାକୁ ନଜରରେ ରଖି, କାହା ସହିତ ସାଲିସ ନକରି ପୁର୍ଣାଙ୍ଗ ଏବଂ ଦୈନିକ ସମ୍ବାଦରେ ପରିଣତ ହୋଇପାରିଛି । ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଯୁବମୋର୍ଚ୍ଚାର ପ୍ରଥମ ଲକ୍ଷ । ଗୋଟିଏ ସମ୍ବାଦ କାଗଜକୁ ପ୍ରକାଶ କରିବା, ଅନେକ ସମସ୍ୟାକୁ ସାମ୍ନାରେ ରଖି ଚଳାଇବା, ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡେ କର୍ମକର୍ତ୍ତା ମାନଙ୍କୁ । ମାତ୍ର ଯୁବମୋର୍ଚ୍ଚାର ସମ୍ପାଦକ ଏବଂ ପ୍ରକାଶିକାଙ୍କ ବଳିଷ୍ଠ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ ଆଜି ଏହା ଓଡ଼ିଶାର ସହରାଞ୍ଚଳରୁ ଗ୍ରାମାଞ୍ଚଳର ଗଳି କନ୍ଦିରେ, ଅଗଣିତ ପାଠକଙ୍କ ପାଖରେ ପହଞ୍ଚିପାରିଛି । ପାଠକ, ପାଠିକାଙ୍କ ରୁଚିକୁ ନଜରରେ ରଖି ଏହାକୁ ଅଧିକ ସରସ, ସୁନ୍ଦର ଓ ସୁଗମ କରି ଆଗେଇ ନେବାପାଇଁ ସମ୍ପାଦକ, ପ୍ରକାଶିକା ଏବଂ ଏହାର ସାମ୍ବାଦିକ ବନ୍ଧୁମାନେ ସର୍ବଦା ଆଗଭର ରହିଛନ୍ତି । କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚାର ସମ୍ପାଦକ ଶ୍ରୀଯୁକ୍ତ ଜଗନ୍ନାଥ ଖୁଣ୍ଟିଆ । କଥା ପ୍ରସଙ୍ଗରେ କହିଲେ, ଜଗନ୍ନାଥ ଧାମ, ତିଁଥ କ୍ଷେତ୍ର ଧାମରୁ ପ୍ରକାଶିତ ଏହି କ୍ଷୁଦ୍ର ସଂସ୍କରଣ ମହା ପ୍ରଭୁଙ୍କ ଅପାର କରୁଣାରେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚି ପାରିଛି ।କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ, ମୁଖ୍ୟ ଅତିଥି ପୂର୍ବତନ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଚିତରଞ୍ଜନ ଦାଶ, ବରେଣ୍ୟ ଅତିଥି ସାଂସଦ ରାଜ୍ୟସଭା ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ରାଜ୍ୟସଭା ଶ୍ରୀଯୁକ୍ତ ସୁଭାସିସ ଖୁଣ୍ଟିଆ, ବିଧାୟକ ପୁରୀ ସୁନିଲ କୁମାର ମହାନ୍ତି ମୁଖ୍ୟବକ୍ତା, ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରାକ୍ତନ ସମ୍ପାଦକ ତଥା ମୁଦ୍ରାକର 'ସମାଜ' ଓ ସତ୍ୟବାଦୀ, ସଂଯୋଜକ ଶ୍ରୀଯୁକ୍ତ ପ୍ରମୋଦ କୁମାର ପରିଡା, ସାମ୍ବାଦିକ ସାଲେପୁର/ ନିଶ୍ଚିନ୍ତକୋଇଲି, ଯୁବମୋର୍ଚ୍ଚା, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡଙ୍ଗୀ ପୂର୍ବତନ ବିଧାୟକ ପୁରୀ, ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ ମହାପାତ୍ର ବାଡଗ୍ରାହୀ ମା ସୁଭଦ୍ରାଙ୍କ ପୁରୀ, ଶ୍ରୀଯୁକ୍ତ ମଧୁସୂଦନ ସିଂହାରୀ ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀମନ୍ଦିର, ଶ୍ରୀଯୁକ୍ତ ସନ୍ତୋଷ କୁମାର ସେଠି ଉପ ନିର୍ଦ୍ଦେଶକ ଶୂଚନା ଓ ଲୋକସମ୍ପର୍କ ବିଭାଗ, ଶ୍ରୀଯୁକ୍ତ ଆଲାଦ ହିନ୍ଦ ପାଣିଗ୍ରାହୀ ବରିଷ୍ଠ ପ୍ରଶାସକ, ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡା, ବରିଷ୍ଠ ସ୍ତମ୍ଭକାର ଗାନ୍ଧୀବାଦୀ ଲେଖକ, ସମ୍ପାଦକ ଯୁବମୋର୍ଚ୍ଚା ଶ୍ରୀଯୁକ୍ତ ଜଗନ୍ନାଥ ଖୁଣ୍ଟିଆ । ପ୍ରମୁଖ ଯୋଗଦେଇ ଯୁବମୋର୍ଚ୍ଚାର କାଗଜର ସୋଭାବର୍ଦ୍ଧନ କରିଥିଲେ । ଶର୍ବ ଶେଷର ମୁଖ୍ୟ ସଂଯୋଜକ ତଥା ଆବାହକ ସତ୍ୟବାଦୀ ନାୟକ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଜାଗୃତି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ପିପିଲି,୨୨।୩:(ମନ୍ଥନ)ପିପିଲିରେ ଓଡ଼ିଶାର ଅଗ୍ରଣୀ ତିନି ଦିନିଆ । ସପ୍ତଦଶ ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମାଲଖମ୍ବା ଓ ମାହାରୀ ନୃତ୍ୟରେ ବିମୋହିତ ହେଲେ ହଜାର ହଜାର ଦର୍ଶକ । ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଆୟୋଜିତ ମହୋତ୍ସବ ରେ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲର ମୁଖ୍ୟ ପ୍ରସାଶନିକ ଅଧିକାରୀ ମାଲକିନ ବେହେରା ଯୋଗଦେଇ ହିନ୍ଦୁ ସଂସ୍କୃତି ପରମ୍ପରା କୁ ନେଇ ଜାଗୃତି ସଂଗଠନ ର ପ୍ରୟାସକୁ ବହୁ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ପୁରୀ ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅତିଥି ଭାବେ ସମାଜସେବୀ ଦିନବନ୍ଧୁ ବେଉରା ପ୍ରମୁଖ ଯୋଗଦେଇ ଭାରତୀୟ ନବବର୍ଷ ଗରିମା ଉପରେ ଆଲୋକପାତ କରିଥିଲେ । ଭାରତୀୟ ସଂସ୍କୃତି ପରମ୍ପରା କୁ ଉଜ୍ଜିବିତ ରଖିବା ପାଇଁ ଜାଗୃତି ମହୋତ୍ସବ ର ଜାଗ୍ରତ କରିବାର ସ୍ୱତନ୍ତ୍ର ପ୍ରୟାସ ଜାରି ରହୁ ବୋଲି ଅତିଥି ମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ । ଜାଗୃତି ମହୋତ୍ସବ ରେ ବିଶେଷ ଆକର୍ଷଣ ଥିଲା ଓଡ଼ିଆଣୀ ବୋହୂ ପ୍ରତିଯୋଗିତା । କାର୍ଯ୍ୟକ୍ରମ କୁ ଓଡ଼ିଆ ସରକାର ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା କରଞ୍ଜିଆ ର ମାଲଖମ୍ବା ଦଳ ଓ ଗଞ୍ଜାମ ର ଆଲୋଚନା ଚକ୍ର କରଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମିଡିଆ ଆବାହକ ତଥା ସାମ୍ବାଦିକ ମନୋରଂଜନ ମହାପାତ୍ରଙ୍କ ଉପସ୍ଥିତି ଥିବା ବେଳେ ସାଧାରଣ ସଂପାଦକ ବିଭୁନି ସାମନ୍ତରାୟ ,



ଚଢ଼େୟା ଚଢ଼େୟାଣୀ ନୃତ୍ୟ ବେଶ୍ ମନ ମୋହିଲା । ସ୍ଥାନୀୟ କଳାକାର ଙ୍କ ମାହାରୀ ନୃତ୍ୟ ପରିବେଷଣ ହଜାର ହଜାର ଦର୍ଶକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ତତ ସହିତ ପ୍ରଥମ ପିପିଲି ପୁସ୍ତକ ମେଳାରେ ପ୍ରାୟ ୧୫ ଟି ପୁସ୍ତକ ପ୍ରକାଶନ ଷ୍ଟଲ ଖୋଲାଯାଇଛି । କବି ସମ୍ମିଳନୀ, ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଉପସଭାପତି ମନୋଜ ପ୍ରଧାନ, ସୁରେନ୍ଦ୍ର ମହାପାତ୍ର,ବିକାଶ ଅଗ୍ରୱାଲ, ସତୀଶ ପାଣିଗ୍ରାହୀ , ମୁନୁ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ , ବାପୁ ବେହେରା, ସମ୍ପଦ ମହାପାତ୍ର, ପ୍ରଫୁଲ୍ଲ ପ୍ରଧାନ, ପ୍ରିତମ ବେହେରା, ଚନ୍ଦନ ମହାନ୍ତି, ପିନାକୀ ଦାଶ,ଗଜେନ୍ଦ୍ର ବେହେରା ଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଶ୍ୱ ପଖାଳ ଦିବସ ପାଳିତ

ବଲାଙ୍ଗୀର,୨୨।୩:(ମନ୍ଥନ)ବିଶ୍ୱ ପଖାଳ ଦିବସ ଅବସରରେୟ ବିଶେଷ କରି ଓଡିଆ ମାନଙ୍କ ଅତି ପ୍ରିୟ ଖାଦ୍ୟ ହେଉଛି ପଖାଳ । ସକାଳୁ ପଖାଳ କଂସାଏ ହେଲେ ଦିନସାରା ଆଉ କିଛି ଖାଇବାକୁ ଦରକାର ପଡିନଥାଏ । ଶିତ, ବର୍ଷା, ଖରା ଦିନ ହେଉ କି ରାତି ପଖାଳ ହେଲେ କଥା ସରିଲା । ଏହି ଅବସରରେ ସାରା ବିଶ୍ୱରେ ପଖାଳ ଦିବସ ପାଳିତ ହୋଇଯାଇଛି । ଆଜି ଉଲ୍ଲାସର ସହିତ ସ୍ଥାନୀୟ ପୁଇଁନ୍ତଲା ଗ୍ରୀଡ୍ ରେ ସିନିଅର ଲାଇନମ୍ୟାନ୍ ପବିତ୍ର ଖୁଣ୍ଟିଆଙ୍କ



ତ୍ୱାବାଧାନରେ ପଖାଳ ଦିବସ ପାଳିତ ହୋଇଥିଲା । ମାଟି ହାଣ୍ଡିରେ ଦହି ପଖାଳ ସାଙ୍ଗରେ ଶାଗ, ଆଳୁ ବାଇଗଣ ଭର୍ତ୍ତା, ଭଜା ପାଟଲଘଣ୍ଟା ପୋଡା ସାଙ୍ଗକୁ ମାଛ ଭଜାର ଖାଇବା ଜମିଥିଲା । ସମସ୍ତେ ଅତି ଆନନ୍ଦର ସହିତ ଖଇ ପଖାଳ ଦିବସର ମଜା ଉଠାଇଥିଲେ ।ଏହି ଅବସରରେ ସେକ୍ସନ୍ ଅଫିସର ସୂର୍ଯ୍ୟସ୍ୱାଥ୍ ରଥ, ଇଏସଓ ବି ଆୟୁଷ ମେହେର, ଲାଇନମ୍ୟାନ ଶିବପ୍ରସାଦ ମିସ୍ତ୍ରୀ, ହରିହର ପଧାନ, କୃତିବାସ ପଧାନ, ସୁପରଭାଇଜର ଗୋପୀକାନ୍ତ ବେହେରା, ଲାଇନମ୍ୟାନ ପ୍ରଶାନ୍ତ ସାଏ, ମଣ୍ଟୁ ଚନ୍ଦନ, ପ୍ରଶନ୍ନ ପଧାନ, ଆଶିଷ ବାଗ,ଅଜିତ ସେଟ୍, ପ୍ରବୀଣ ପଧାନ, ରାଜେଶ ଦଣ୍ଡସେନା, ବିମ୍ବାଧର ସାଏ, ବିଶ୍ୱାମିତ୍ର କର୍ମୀ, ବାବୁଲାଲ ସାହୁ, ପିଙ୍କୁ କଠାର ପ୍ରମୁଖ ଯୋଗ ଦେଇଥିଲେ ।

# ମାହାଙ୍ଗାରେ ଜନଗଣନା ପ୍ରଶିକ୍ଷଣକୁ ନେଇ ଚିନ୍ତାରେ ଶିକ୍ଷକ : ଅଚିନ୍ତାରେ ପ୍ରଶାସନ

ମାହାଙ୍ଗା,୨୨।୩:(ମନ୍ଥନ)ମାହାଙ୍ଗା ବ୍ଲକରେ ୨୪.୦୩.୨୦୨୬ରିଖ ଠାରୁ ତା୧୦.୦୪.୨୦୨୬ରିଖ ପର୍ଯ୍ୟନ୍ତ ପ୍ରତିଦିନ ଏ ଓ ବି ଦୁଇଟି ଗ୍ରୁପ୍‌ମାଧ୍ୟମରେ ୫୦ଜଣ ଶିକ୍ଷକଙ୍କୁ ନେଇ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ଯାହାକୁ ନେଇ ବିଭିନ୍ନ ଶିକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି । ବର୍ତ୍ତମାନ ମ୍ୟାଟ୍ରିକ ପରୀକ୍ଷା ଖାତା ଦେଖା କାର୍ଯ୍ୟରେ ଶିକ୍ଷକମାନେ ଅଂଶଗ୍ରହଣ କରିଛନ୍ତି । ସେମାନେ କିଭଳି ଭାବରେ ଜନଗଣନା ପ୍ରଶିକ୍ଷଣରେ ଯୋଗଦେବେ । ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ ଜନଗଣନା ପ୍ରଶିକ୍ଷଣରେ ଶିକ୍ଷକମାନେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ ଶିକ୍ଷକମାନେ କେଉଁ କାର୍ଯ୍ୟ ପ୍ରଥମେ କରିବେ । ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟରଖି ପରୀକ୍ଷା ଖାତା ଦେଖିବେ ନା ଜନଗଣନା ପ୍ରଶିକ୍ଷଣ ନେବେ । ଏଣୁ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଯେଉଁଶିକ୍ଷକମାନେ ପରୀକ୍ଷା ଖାତା ଦେଖୁଛନ୍ତି ସେମାନଙ୍କୁ ପରୀକ୍ଷାଖାତା ଦେଖା ସରିବା ପରେ ଜନଗଣନା ପ୍ରଶିକ୍ଷଣ ନେବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି । ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ୨ତାରିଖ ସୁଦ୍ଧା ମାଟ୍ରିକ ପରୀକ୍ଷା ଖାତା ଦେଖା କାର୍ଯ୍ୟ ଶେଷ ହେବ ବୋଲି ମାହାଙ୍ଗା ଅଂଚଳର କେତେକ ଶିକ୍ଷକ ନିଜ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ।

# ଲୋକ ଅଧିକାର ଅଭିଯାନକୁ ନୟାଗଡ଼ରେ ସ୍ୱାଗତ

ନୟାଗଡ, ୨୨।୩:(ମନ୍ଥନ)ଜମି ଜଳ ଜଙ୍ଗଲର ସୁରକ୍ଷା ଓ ଲୋକ ଅଧିକାରର ସୁରକ୍ଷା ପାଇଁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟବ୍ୟାପୀ ଅଭିଯାନ କ୍ରମେ ଅଦ୍ୟ ତା୨୧.୩.୨୦୨୬ରେ ନୟାଗଡ଼ରେ ପହଞ୍ଚିବା ଅବସରରେ କେସି କ୍ଲବ୍ ଠାରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ବରିଷ୍ଠ କମ୍ୟୁନିଷ୍ଟ ନେତା ବିଶ୍ୱନାଥ ମହାପାତ୍ରଙ୍କ



ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ, କୃଷକ ନେତା ପବିତ୍ର ଇନ୍ଦ୍ରଜିତ ଓ ସନ୍ତୋଷ ଷଡ଼ଙ୍ଗୀ ଅଭିଯାତ୍ରୀ ଦଳକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କର୍ପୋରେଟ୍ ପୁଞ୍ଜିର ସ୍ୱାର୍ଥ ସାଧନ ପାଇଁ ଜମି ଜଳ ଜଙ୍ଗଲ ଉପରେ ଚାଲିଥିବା ପ୍ରାୟୋଜିତ ଆକ୍ରମଣ ଯେ କେତେ ବଡ଼ ଦାନବୀୟ କ୍ଷତି କରିଚାଲିଛି ଆଉ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି, ଏହାର ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଥିଲେ ଆନ୍ଦୋଳନର ମୁଖ୍ୟ ଶ୍ରୀ ସାମନ୍ତରାୟ ।ଶିକ୍ଷାବିତ ଅନାଦି ଚରଣ ମହାନ୍ତି ଅଭିଯାନକୁ ସଫଳ କରିବାକୁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଅଭିଯାତ୍ରୀ ଦଳର ଅନ୍ୟତମ ନେତୃତ୍ୱ ଶ୍ରୀଯୁକ୍ତ ବିଶ୍ୱଜିତ ଏବଂ ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ହୋଇ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ ।

# ଅବହେଳିତ ହୋଇପଡିଛି ଭଦ୍ରେଶ୍ୱର ଗ୍ରାମପଂଚାୟତ

ମାହାଙ୍ଗା,୨୨।୩:(ମନ୍ଥନ) ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଗ୍ରାମପଂଚାୟତଟି ଅବହେଳିତ ହୋଇପଡିରହିଛି । ବିଗତ ୨୪ବର୍ଷ ବିଜେଡି ଶାସନ କାଳରେ ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ପରିବର୍ତ୍ତନ ଘଟିଲା ନାହିଁ । ଏପରିକି ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତିଦେବାରେ ତତ୍କାଳୀନ ସରକାର ବ୍ୟର୍ଥ ହୋଇଥିଲେ । ମାହାଙ୍ଗା ତତ୍କାଳୀନ ବିଧାୟକ ପ୍ରତାପ ଜେନା ସ୍ୱସ୍ଥ୍ୟମନ୍ତ୍ରୀ ଥିଲା ବେଳେ ଏହି ଡାକ୍ତରଖାନାର ପରିବର୍ତ୍ତନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ବର୍ତ୍ତମାନ ଏହି ଡାକ୍ତରଖାନା ଅବସ୍ଥା ନକହିଲେ ଭଲ । ଡାକ୍ତର ପାଳିକରି ସପ୍ତାହରେ ୨/୩ଦିନ ଆସୁଥିଲା ବେଳେ ଫାର୍ମାସିଷ୍ଟ ଜଣକ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଯାଇଛନ୍ତି । ଏହି ଡାକ୍ତରଖାନା ଉପରୁ ରୋଗୀଙ୍କର ଭରସା ତୁଟୁଛି । ସେହିଭଳି ଭଦ୍ରେଶ୍ୱର ପ୍ରାଥମିକ ବିଦ୍ୟାଳୟ ୫ଟି ଶ୍ରେଣୀପାଇଁ ଜଣେ ଶିକ୍ଷକ ରହିଥିବା ଅଭିଯୋଗ ହେଉଛି । ୧୮ବର୍ଷ ହେବ ଭୂତଳ ପାଣି ଯୋଗାଣ ବନ୍ଦ ରହିଛି । ଯାହାଫଳରେ ଭଦ୍ରେଶ୍ୱର ଅଂଚଳର ପାଣ୍ଡିଆ ଗ୍ରାମର ମିଶ୍ରସାହି,ଭଦ୍ରେଶ୍ୱର ମନ୍ଦିର , ବାରିକ ସାହିକୁ ପାଣିଯୋଗାଣ ହୋଇପାରୁ ନାହିଁ । ଷ୍ଟାଣ୍ଡ ପଏଣ୍ଟ ଅଛି କିନ୍ତୁ ବସୁଧା ପାଣି ଆସୁନାହିଁ । ଭଦ୍ରେଶ୍ୱର ଠାରେ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ଶୈବପୀଠ, ଭଦ୍ରେଶ୍ୱର ଥାନା, ସେଣ୍ଟ୍ରାଲ ବ୍ୟାଙ୍କ ଇଣ୍ଡିଆର ଶାଖା, ସ୍କୁଲ, ସାପ୍ତାହିକ ହାଟ ରହିଛି । ଥାନାରେ ଆବଶ୍ୟକୀୟ ପୋଲିସ କର୍ମଚାରୀ ନାହାନ୍ତି । ସେକେଣ୍ଡ୍ ଅଫିସର ପଦବୀ ଖାଲିପଡିଛି । ଆବଶ୍ୟକୀୟ ପୋଲିସ କର୍ମଚାରୀ ନଥିବାରୁ ଥାନା ଚଳାଇବା କଷ୍ଟକର ହୋଇପଡିଛି । ଏହାର ସୀମାକୁ ଲାଗି କେନ୍ଦ୍ରାପଡା ଜିଲ୍ଲା ଓ ନିଶ୍ଚିନ୍ତକୋଇଲି ଥାନା ଅଂଚଳ ରହିଛି । ଭଦ୍ରେଶ୍ୱର ପଂଚାୟତରେ ବିଭିନ୍ନ ଗ୍ରାମର ଥିବା ଡ଼ଳେଇ ରାସ୍ତା ଗୁଡିକ ଭାଙ୍ଗି ଗାଡ ସୃଷ୍ଟି ହୋଇଗଲାଣି । ଯାତାୟତରେ ସାଧାରଣ ଲୋକ ସମସ୍ୟାଭୋଗୁଛନ୍ତି । ପ୍ରଶାସନର ଦୃଷ୍ଟିପଡୁନାହିଁ । ଏଣୁ ସରକାର ତୁରନ୍ତ ଭଦ୍ରେଶ୍ୱର ପଂଚାୟତର ସମସ୍ୟାପ୍ରତି ଦୃଷ୍ଟିଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି ।

# କୁଚିଣ୍ଡା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ

କୁଚିଣ୍ଡା,୨୨।୩:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ପାଠଚକ୍ର ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡା ସଭାପତିତ୍ୱ କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ଡଃ ପ୍ରମୋଦ ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ପୁଷ୍ପିତା କମାର ମାନବେତର ଗଳ୍ପ ମାଂସର ବିଳାପ ଶୀର୍ଷକ ନିବନ୍ଧ ଉପସ୍ଥାପନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଦୂତିକା ସାହୁ ମହାବିଦ୍ୟାଳୟ ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଶାନ୍ତ ପଟେଲ,କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ସଞ୍ଜୁଶ୍ରୀ ସାହୁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ଼ଃ ସୁଧାଂଶୁ ମହାପାତ୍ର, ଅଧ୍ୟାପକ ମନୋଜ ଜେନା ପ୍ରମୁଖ ଯୋଗଦେଇ ଆଲୋଚନା ଚକ୍ର ର ଆବଶ୍ୟକତା ଉପରେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ କୁ ଦ୍ୱିତୀୟ ବର୍ଷ ଛାତ୍ରୀ ବିନିତା ରଣା ଓ ନିକିତା ପ୍ରଧାନ ପରିଚାଳନା କରିଥିବାବେଳେ ଶେଷରେ ଅଧ୍ୟାପିକା ଡ଼ଃ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଓଡ଼ିଆ ବିଭାଗ ଅଧ୍ୟାପିକା ଗଜମତି କୁମୁରା,ଡ଼ଃ ସସ୍ମିତା ମିଞ୍ଜ, ଅଧ୍ୟାପକ ଗଣନାଥ ନାଏକ ଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ ।

# ଇଦ ପର୍ବ ମହାସମାରୋହରେ ପାଳିତ

ଖୋର୍ଦ୍ଧା,୨୨।୩:(ମନ୍ଥନ) ଦୀର୍ଘ ମାସେବ୍ୟାପୀ କଠୋର ସାଧନା ସହ ସଂଯମ କରି ରମଜାନ ପାଳିବା ପରେ ଶନିବାର ମୁସଲମାନ ସମ୍ପ୍ରଦାୟ ଭାଇ ଭଉଣୀଙ୍କ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଫିତର ଖୋର୍ଦ୍ଧା ସମେତ ବିଭିନ୍ନ ମସଜିଦ ଓ ଇଦଗାହ ପଡିଆରେ ଇଦ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରରେ ଥିବା ମସଜିଦ, କେରଙ୍ଗ, ତୋଟାପଡା, ପାନବରଜ, ତରତୁଆ, ସରଧାରପୁର, କାଇପଦର, ମୁକୁନ୍ଦପ୍ରସାଦ , ରାଉତପଡା, ପ୍ରମୁଖ ରେ ଥିବା ମସଜିଦରେ ଇଦ ପର୍ବ ପାଳିତ ହୋଇଯାଇଛି । ଭୋରରୁ ମୁସଲମାନ ସମ୍ପ୍ରଦାୟ ସ୍ଥାନୀୟ ମସଜିଦରେ ଉପସ୍ଥିତ ରହି ସମୂହ ପ୍ରାର୍ଥନାରେ ଯୋଗଦେଇ ନମାଜ ପାଠ କରି ବିଶ୍ୱ ଭାତୃତ୍ୱ, ହିଂସା ଦ୍ୱେଷ ମୁକ୍ତ ପୃଥିବୀ ଗଠନ ପାଇଁ ପ୍ରାର୍ଥନା କରିଥିଲେ । ଏହାପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଂଟିଥିଲେ । ଏହି ଅବସରରେ ହିନ୍ଦୁ ଭାଇ ମାନଙ୍କ ପକ୍ଷରୁ ମୁସଲମାନ ଭାଇ ମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇବା ଅବସରରେ ସୁସ୍ଥ ପରମ୍ପରା ବଜାୟ ରଖିଥିଲେ । ଏହା ଫଳରେ ଭାଇଚାରାର ସମ୍ପର୍କ ସୁଦୃଢ ହେଇଥାଏ । ଧର୍ମଗୁରୁ ରାଉଫଙ୍କ କହିବା ଅନୁଯାୟୀ ଇଦ୍ ଏକ ଆରବୀ ଶବ୍ଦ ଯାହାର ଅର୍ଥହେଲା ଆନନ୍ଦ ଉତ୍ସବ ଓ ଫିଦର ବା ଫିତର ଅର୍ଥ ହେଲା ଉପବାସ ଭାଙ୍ଗିବା । ସେଥିପାଇଁ ଇଦର ପ୍ରଥମ ଦିନ ମାସର ପ୍ରଥମ ଦିନ ହୋଇଥାଏ । ଏଇଦିନ ସାରାବିଶ୍ୱ ମୁସଲମାନମାନେ ଏକତାର ସାମୁହିକ ଲକ୍ଷ୍ୟକୁ ଉପସ୍ଥାପିତ କରିବାର ପ୍ରୟାସ କରିଥାନ୍ତି । ଏଇ ଦିନକୁ ଆଲ୍ଲା(ଈଶ୍ୱର)ଙ୍କର ପରିଚୟ ଦିବସ ବୋଲି ଜ୍ଞାନ କରାଯାଏ । ଇସଲାମୀ କେଲେଣ୍ଡର ଶବ୍ୱାଲର ଦଶମ ମାସର ପ୍ରଥମ ଦିନ ଏହା ପାନ କରାଯାଏ । ଇସଲାମୀ ପଞ୍ଜିକାର ପ୍ରତିମାସ ପରି ଏଇ ମାସଟି ମଧ୍ୟ ଆକାଶରେ ଚାନ୍ଦ ଦେଖିଲାପରେଯାଇ ଆରମ୍ଭ ହୋଇଥାଏ । ଇସଲାମରେ ରମଜାନ ମାସକୁ ପବିତ୍ର ମାସ ବୋଲି ଜ୍ଞାନ କରାଯାଏ । ମାସସାରା ମୁସଲମାନମାନେ ଉପବାସ କରିଥାନ୍ତି । ଇସଲାମୀ ସାଲରେ ଥିବା ଦୁଇଟି ଇଦ ଭିତରୁ ଏହା ଗୋଟିଏ ଯ ଆର ଗୋଟିକ ହେଲା ଇଦ ଉଲ-ଅଜହା । ମୁସଲମାନମାନେ ଏଇ ପର୍ବରେ ଆଲ୍ଲାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଭୋଜି-ଭାତ ସହିତ ଅନେକ ସୁସ୍ୱାଦୁ ଭୋଜନର ମଜା ନେଇଥାନ୍ତି । ଏହାଛଡ଼ା ନୂଆ ପୋଷାକ, ସାଙ୍ଗସାଥି, ଜ୍ଞାତି-କୁଟୁମ୍ବଙ୍କ ଭିତରେ ଉପହାରର ଆଦାନ ପ୍ରଦାନ କରିଥାନ୍ତି । ଏଇ ଦିନ କଳିତକରାଳ, ବିଶେଷକରି ପାରିବାରିକ ଝଗଡ଼ାକୁ ମେଂଟାଇବାକୁ ଚେଷ୍ଟା କରିଥାନ୍ତି । ଇଦ୍ ଦିନ ସକାଳୁ ମସଜିଦରେ ପ୍ରାର୍ଥନା ପୂର୍ବରୁ ପ୍ରତିଟି ମୁସଲମାନ କିଛିନା କିଛି ଦାନ ବା ଭିକ୍ଷାଦେଇଥାନ୍ତି । ଏହି ଦାନକୁ ଜକାତ ଉଲ-ଫିତର କହନ୍ତି ।

# ସ୍ୱାମୀ ଚେତନାନନ୍ଦଙ୍କ ଆଧାତ୍ମିକ ବାଣୀ ମାନବସମାଜ କୁ ଶୃଙ୍ଖଳିତ କରିପାରିବ

କୁକୁଡାଖଣ୍ଡି ,୨୨।୩:(ମନ୍ଥନ)ଦିଗପହଣ୍ଡି ଏନଏସି ୧୦ ନଂ ୱାର୍ଡ ଗଡ଼ ଚୈତନ୍ୟପୁର ଶାସନ ସାହି ସ୍ଥିତ ସ୍ୱାମୀ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିର ର ୧୫ତମ ବାର୍ଷିକୋତ୍ସବ ଏବଂ ଦୁଇଦିନ ବ୍ୟାପି ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ପରମହଂସ ଦେବ ଙ୍କ ୯୪ ତମ ଜନ୍ମୋତ୍ସବ ମହାସମାରୋହ ରେ ଉଦଯାପିତ ହୋଇଯାଇଛି । ଜନ୍ମୋତ୍ସବ ର ପ୍ରଥମ ଦିବସରେ ଆଶ୍ରମ ପରିସରରେ ଅଧିବାସ,ପୂଜାର୍ଚ୍ଚନା କରାଯିବା ପରେ ସ୍ୱାମୀଜୀ ଙ୍କ ସୁସଜ୍ଜିତ ବିଗ୍ରହ କୁ ଭକ୍ତ ବୃନ୍ଦ ସହର ପରିକ୍ରମା କରାଇଥିଲେ । ଦ୍ୱିତୀୟ ଦିବସରେ ଅରୁଣ କୁମାର ପଣ୍ଡା ଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆକାଶବାଣୀ ରେଡ଼ିଓ ଏବଂ ଦୂରଦର୍ଶନ ର ପ୍ରାକ୍ତନ ନିର୍ଦ୍ଦେଶକ ଡ଼.ଶାନ୍ତନୁ କୁମାର ରଥ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଯୋଗଦେଇଥିଲେ । କାଉନସିଲର ଦୀପକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେୟ ୧୯୩୩ ମସିହାରେ ଗଡ଼ ଚୈତନ୍ୟପୁର ଶାସନ ରେ ଜନ୍ମଗ୍ରହଣ କରିଥିବା ଡ଼.ଚକ୍ରପାଣି ମିଶ୍ର ହାଇସ୍କୁଲ ରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିବା ପରେ ପୁରୀ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ କୃଷିବିଜ୍ଞାନ ଓ ଆମେରିକା କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରି ଭୁବନେଶ୍ୱର ସ୍ଥିତ କୃଷି ବିଶ୍ୱବିଦ୍ୟାଳୟ ରେ ଅଧ୍ୟାପନା କରିଥିଲେ । ଚାକିରିରୁ ଅବସର ପରେ ସେ ନିଜ ଆଧାତ୍ମିକ ଗୁରୁ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ପରବର୍ତ୍ତୀ ଅବସ୍ଥାରେ ସ୍ୱାମୀ ଚେତାନାନନ୍ଦ ସରସ୍ୱତୀ ପରମହଂସ ଦେବ ଭାବେ ପରିଚିତି ହାସଲ କରି ବହୁ ସଂଖ୍ୟକ ଆଧାତ୍ମିକ ପୁସ୍ତକ ରଚନା କରିବା ସହ ଓଡ଼ିଶା, ଆନ୍ଧ୍ର, ପଶ୍ଚିମବଙ୍ଗ ର ବିଭିନ୍ନ ଅଞ୍ଚଳ କୁ ବାରମ୍ବାର ଗସ୍ତକରି ନିଗମାନନ୍ଦ ଭକ୍ତ ମାନଙ୍କୁ ଆଧାତ୍ମିକ ମାର୍ଗଦର୍ଶନ କରାଇଥିଲେ । ଦିଗପହଣ୍ଡି ର ଗଡ଼ଚୈତନ୍ୟପୁର ଶାସନ ସମେତ ପାତ୍ରପୁର ବ୍ଲକ ତଣ୍ଡିପୁର ଠାରେ ସେ ଆଶ୍ରମ ପ୍ରତିଷ୍ଠା ସହ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିର ପ୍ରତିଷ୍ଠା କରି ଛାତ୍ରୀ ଛାତ୍ର ମାନଙ୍କୁ ସାଧାରଣ ଶିକ୍ଷା ସହ ଆଧାତ୍ମିକ ଶିକ୍ଷାଦାନ ର ବ୍ୟବସ୍ଥା କରିଥିଲେ । ସ୍ୱାମୀ ଚେତନାନନ୍ଦ ଙ୍କ ମୁଖନିଃସୃତ ବାଣୀ, ଆଧାତ୍ମିକ ଶିକ୍ଷା ଓ ଗୁଣାବଳୀ ସମଗ୍ର ମାନବ ଜୀବନକୁ ଶୃଙ୍ଖଳିତ ଓ ସୁନ୍ଦର କରି ପାରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା ।ତତ୍କାଳୀନ ବଡ଼ଖେମୁଣ୍ଡିର ରାଜପୁତ୍ର ସନ୍ଥ ଅରକ୍ଷିତ ଦାସ ଙ୍କ ପରେ ଦିଗପହଣ୍ଡି ର ଦ୍ୱିତୀୟ ସନ୍ୟାସୀ ସନ୍ଥ ଚେତନାନନ୍ଦ ସରସ୍ୱତୀ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହରର ଏକ ସର୍ବସାଧାରଣ ଅନୁଷ୍ଠାନ କିମ୍ବା ରାସ୍ତାକୁ ତାଙ୍କ ନାମରେ ନାମିତ କରାଯିବା ସହ ପ୍ରତିବର୍ଷେ ତାଙ୍କ ଜୟନ୍ତୀ ଉତ୍ସବ କୁ ଏନଏସି ପକ୍ଷରୁ ପାଳନ କରାଯିବା ପାଇଁ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା । ସଭାରେ ଉପସ୍ଥିତ ମୁଖ୍ୟଅତିଥି ଏନଏସି ଅଧ୍ୟକ୍ଷ ଆସନ୍ତାବର୍ଷ ଠାରୁ ପ୍ରତିବର୍ଷ ଏନଏସି ପକ୍ଷରୁ ବଜାର ଗାନ୍ଧୀଛକ ଠାରେ ସ୍ୱାମୀଜୀ ଙ୍କ ଜୟନ୍ତୀ ପାଳନ କରାଯିବା ସହ କୌଣସି ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପରେ ଅତିଥିବୃନ୍ଦ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରୀ ଛାତ୍ର ମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର , ବ୍ରହ୍ମପୁର,ଦିଗପହଣ୍ଡି,ଚିକିଟି,ପାତ୍ରପୁର, ତଣ୍ଡିପୁର ସମେତ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ଯୋଗଦେଇଥିଲେ । ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ,ସୁରେଶ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଉଦଗାତା, ନୃସିଂହ ପ୍ରସାଦ ମିଶ୍ର,ରାମଚନ୍ଦ୍ର ମିଶ୍ର,ରଘୁନାଥ ଆଚାର୍ଯ୍ୟ, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ବନୋଜ କୁମାର ଷଡଙ୍ଗୀ, ଆଚାର୍ଯ୍ୟା ସନ୍ତୋଷୀନି ଗୌଡ଼,ସୁନିତା କୁମାରୀ ପାତ୍ର,ଆଚାର୍ଯ୍ୟ ରବି ନାରାୟଣ ପାଣିଗ୍ରାହୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଶ୍ୱ କବିତା ଦିବସରେ ବିଶ୍ୱ ଶାନ୍ତିର ଆହ୍ୱାନ

ଖୋର୍ଦ୍ଧା, ୨୨।୩:(ମନ୍ଥନ)ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ସଭା ଗୃହରେ ଡ଼. ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ବିଶ୍ୱ କବିତା ଦିବସ ପାଳନ ହୋଇଯାଇଛି । ଭାଷା ଓ ସାଂସ୍କୃତିକ ବିବିଧତା ମଧ୍ୟରେ ବିଶ୍ୱବାସୀଙ୍କ ଭିତରେ ଏକତା ଓ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୨୧ ତାରିଖକୁ ବିଶ୍ୱ କବିତା ଦିବସ ରୂପେ ୧୯୯୯ ମସିହାଠାରୁ ପାଳିତ କରାଯାଉଅଛି । ସମୟର ଆହ୍ୱାନ ଅନୁଯାୟୀ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ଏହି ଦିବସରେ ବିଶ୍ୱବ୍ୟାପୀ ପ୍ରଚାର କରାଯାଇଥାଏ । ମଞ୍ଚର ସଭାପତି ବିଧାନ ଚନ୍ଦ୍ର ମହାନ୍ତି, କବିତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ଆମେରିକା ଓ ଇସ୍ରାଇଲ ମିଳିତ ଭାବରେ ଇରାନ୍ ଉପରେ କରିଥିବା ଆକ୍ରମଣ କେବଳ ମଧ୍ୟ ପ୍ରାଚ୍ୟ ନୁହେଁ ସମଗ୍ର ଏସିଆ । ମହାଦେଶ ପାଇଁଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି । ଏପରିକି ତୃତୀୟ ବିଶ୍ୱଯୁଦ୍ଧ ଓ ପରମାଣୁ ବୋମାର ବ୍ୟବହାର କରିବାକୁ ନେଇ ବିଶ୍ୱ ଧ୍ୱଂସ ଆଡ଼କୁ ମୁହାଁଉଅଛି ବୋଲି ଆଶଙ୍କା ଦେଖାଦେଇଅଛି । ଏହିଭଳି ସଙ୍କଟ ସମୟରେ ଜାତିସଂଘର ଭୂମିକା ଅପ୍ରାସଙ୍ଗିକ ହୋଇପଡ଼ିବା ବିଶ୍ୱଶାନ୍ତି ପାଇଁ ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଅଛି । ବିଶ୍ୱର ଶାନ୍ତିକାମୀ ମଣିଷମାନଙ୍କ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ', 'ଧ୍ୱଂସ ନୁହେଁ ସୃଷ୍ଟି ଚାହୁଁ', 'ମୃତ୍ୟୁ ନୁହେଁ ଜୀବନ ଚାହୁଁ'ର ଦୃ ନାରା ଯୁଦ୍ଧଖୋର ଶାସକମାନଙ୍କୁ ଅଟକାଇ ପାରିବ ବୋଲି ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ କହିଥିଲେ । ବିଶ୍ୱଶାନ୍ତିର ସେତୁ -କବିତା, ଏହି ବାର୍ତ୍ତା ସହିତ ସ୍ୱରଚିତ କବିତା ଆସରରେ ଅନୁସୟା ସାମନ୍ତରାୟ, ସୌଦାମିନୀ ପଟ୍ଟନାୟକ, ଡ଼. ଚପଳା ପଣ୍ଡା, କବିତାରାଣୀ ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ଡ଼. ପ୍ରଫୁଲ୍ଲ ସାମନ୍ତରାୟ, ବନବିହାରୀ ପଟ୍ଟନାୟକ, ଜୟକୃଷ୍ଣ ବାରିକ, ରମେଶ କୁମାର ଦାଶ, ଦିବାକର ମୁଦୁଲି, ବିନାୟକ ପାଇକରାୟ, ପ୍ରଫୁଲ୍ଲ କୁମାର ସାହୁ, ବଂଶୀଧର ଦାସ, ରାଜକିଶୋର ବଳିୟାରସିଂହ, କୈଳାସ ଚନ୍ଦ୍ର ପୃଷ୍ଟି, ଡ଼. ବୃନ୍ଦାବନ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଡ଼ା. ବାସୁଦେବ ପାତ୍ର, ଦେବପ୍ରସାଦ ମଜୁମଦାର, ରତ୍ନାକର ରଣସିଂହ, ରବୀନ୍ଦ୍ର କୁମାର ସାହୁ, ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଗଦାଧର ଗୋଛି, ଗଗନ ବିହାରୀ ପାଣିଗ୍ରାହୀ, ବିପ୍ର ଚରଣ ବେହେରା, ସତ୍ୟବ୍ରତ ଦାସ, ଅଞ୍ଜନ କୁମାର ରାୟ, ବିରଞ୍ଚୀ ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚର କର୍ମକର୍ତ୍ତାବୃନ୍ଦଙ୍କ ସହିତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଓ ଶେଷରେ 'ଜାତୀୟ ସଙ୍ଗୀତ' ଗାନ କରାଯାଇଥିଲା । ମଞ୍ଚର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଚିଣ୍ଡା କଲେଜ ରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୨୨।୩:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ଦ୍ୱାରା ଆୟୋଜିତ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ମାନଙ୍କ ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୧୩ ତାରିଖ ରୁ ଆରମ୍ଭ ହୋଇଯାଇଛି ।ଏହି ଅବସରରେ ଆତ୍ମ ସୁରକ୍ଷା ପ୍ରଶିକ୍ଷିକା ଉପାସୀ ନାଏକ ଏବଂ ଶିବାନୀ ଭୋଇ ୧୪ ତାରିଖ ସକାଳୁ ଏହି ପ୍ରଶିକ୍ଷଣ ଦେଇ ଆସୁଛନ୍ତିୟ ଏହି ଶିବିର ରେ ଯୁକ୍ତ ତିନି ପ୍ରଥମ ବର୍ଷର ୧୦୦ ରୁ ଉର୍ଦ୍ଧ ଛାତ୍ରୀ ସାମିଲ ହୋଇଛନ୍ତି ।ଏହାର ଲକ୍ଷ୍ୟ ହେଉଛି ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଛାତ୍ରୀ ମାନଙ୍କର ଆତ୍ମ ବିଶ୍ୱାସ ତଥା ଶାରୀରିକ ଏବଂ ମାନସିକ ବିକାଶ ରେ ସହାୟ ହେବ ବୋଲି ସୂଚନା ପ୍ରଦାନ କରିଥିଲେ ।



# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ



ଜଗତସିଂହପୁର,୨୨।୩ (ନି.ପ୍ର): ଗତକାଲି ଅପରାହ୍ନ ରେ ଜିଲ୍ଲା ପ୍ରଶାସନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୬ ଉପଲକ୍ଷେ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ପରିସରରେ ପାଳିତ ହୋଇ ଯାଇ ଅଛି । ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀଯୁକ୍ତ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଉଟି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଜିଲ୍ଲାଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଶ୍ରୀଯୁକ୍ତ ପ୍ରଭାତ କୁମାର ପାଢ଼ୀ, ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ଜିତ୍ରାୟ ଚରଣ ଟୁଡୁ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି , ସିଡିପିଓ, ଜଗତସିଂହପୁର ଶ୍ରୀମତୀ ଧନେଶ୍ୱରୀ ନାୟକ ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଶ୍ରୀଯୁକ୍ତ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଶ୍ରୀଯୁକ୍ତ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଞ୍ଚିତ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ ପରିଶେଷରେ ଶ୍ରୀ ବିବେକାନନ୍ଦ ରାଉତ ,ନିରୀକ୍ଷକ ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ ଭ୍ୟାନ ଓଲଟି ୧୩ ରୁ ଉର୍ଦ୍ଧ୍ୱ ପିଲା ଆହତ

## କ୍ଷମତାଠାରୁ ଅଧିକ ପିଲାଙ୍କୁ ବିପଜ୍ଜନକ ଭାବେ ନେଉଛି ସ୍କୁଲ ଗାଡି



ପଟ୍ଟାମୁଣ୍ଡାଇ,୨୨/୩ (ନି.ପ୍ର): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶଥାନା ଅଂଚଳର ଅମୃତମଣୋହି ସୁଧାନନ୍ଦ ପବ୍ଲିକ ସ୍କୁଲ ପିଲାମାନଙ୍କୁ ନେଇ ଯାଉଥିବା ଏକ ଟାଟା ମ୍ୟାଜିକ ବୁଧବାର ପୂର୍ବାହ୍ନରେ ଅଣରା ପ୍ରାଣୀ ଚିକିତ୍ସାଳୟ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ପିଲାମାନଙ୍କ ସମେତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହିତ ଅଣରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେ ଗାଡିରେ ୧୩ରୁ ଉର୍ଦ୍ଧ୍ୱ ପିଲା ଥିବା ଜଣାଯାଇଛି। ପିଲାମାନଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଡ୍ରାଇଭର ଓ ଜଣେ ଶିକ୍ଷୟତ୍ରୀଙ୍କ ଗୁରୁତର ଆଘାତ ଲାଗିଥିଲା । ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ପଠାଇଦିଆଯାଇ ଚିକିତ୍ସା କରାଯାଇଛି ବୋଲି ସ୍କୁଲ ମ୍ୟାନେଜର ଅମିତ ମଲ୍ଲିକ କହିଛନ୍ତି। ଘଟଣା ଘଟିବା ଖବର ପାଇ ସୁଦାନନ୍ଦ ବାବା ଭୁବନେଶ୍ୱରରୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ପହଁଚିଥିଲେ। ସେଠାରେ ପିଲାମାନଙ୍କ ହାଲଚାଲ ବୁଝିବା ସହିତ ଅଭିଭାବକ ମାନଙ୍କ ସହିତ କଥାହୋଇଥିବା ନେଇ ମ୍ୟାନେଜର ମଲ୍ଲିକ କହିଛନ୍ତି। ମାତ୍ର ଘଟଣା ବିଷୟରେ ସ୍ଥାନୀୟ ପୋଲିସ ଅବଗତ ନଥିବା ଜଣାପଡିଛି।

ପଟ୍ଟାମୁଣ୍ଡାଇ ଅଂଚଳରେ ବହୁ ସ୍କୁଲ ଭ୍ୟାନହେଉକି ଅଟୋ ବା ଟାଟା ଏସି ରେ କ୍ଷମତାଠାରୁ ଅଧିକ ପିଲାଙ୍କୁ ବୋଝେଇ କରି ବିପଜ୍ଜନକ ଭାବେ ନେବାଆଣିବା କରାଯାଉଛି। ଯାହା ସେମାନଙ୍କ ସୁରକ୍ଷା ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ୯ଟି ସିଟ୍ ବିଶିଷ୍ଟ ଗାଡ଼ିରେ ୧୮ ଜଣରୁ ଅଧିକ ପିଲାଙ୍କୁ ଗୁଞ୍ଜି ପରିବହନ କରାଯାଉଥିବାରୁ ଦୁର୍ଘଟଣାର ଆଶଙ୍କା ରହୁଛି । ଏପରି ଚରମ ବିଶୃଙ୍ଖଳା ପ୍ରତି ପ୍ରଶାସନିକ ନଜର ଅଭାବ ଓ ଅଭିଭାବକଙ୍କ ଅସଚେତନତା ଯୋଗୁଁ ଅନେକ ସମୟରେ ଅଘଟଣ ଘଟୁଛି ବୋଲି ଆଲୋଚନା ଯୋର ଧରିଛି। ସରକାର ବିଦ୍ୟାଳୟ ଛାତ୍ର ପରିବହନ ନୀତି କରିଥିଲେ ମଧ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଂଚଳରେ ଲାଗୁ ହୋଇପାରିଲା ନାହିଁ। ଏଠାରେ ଥିବା ଘରୋଇ ବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରଙ୍କ ପରିବହନ ଉପରେ ନିଘା ନ ଥିବା ବେଳେ କୁନି ପିଲାଙ୍କୁ ଅଟୋ, ଭ୍ୟାନ୍‌ରେ ଖୁନ୍ଦାଖୁନ୍ଦି କରି ବିପଜ୍ଜନକ ଅବସ୍ଥାରେ ସ୍କୁଲକୁ ନେବା ଆଣିବା କରାଯାଉଛି। ଫଳରେ ପିଲା ଅଣନିଃଶ୍ୱାସୀ ହେବା ଭଳି ସ୍ଥିତି ଉପୁଜୁ ଥିଲେ ମଧ ଏଥିପ୍ରତି କାହାର ନିଘା ନଥିବା ବେଳେ ଯାଂଚ କରିବାକୁ କେହି ନାହାଁନ୍ତି। ସ୍କୁଲବସ୍ ଗୁଡିକର ଅଗ୍ନି ନିରାପତା ସରଞ୍ଜାମ ନାହିଁ । କେତେକ ସ୍କୁଲରେ ପରିବହନ ପାଇଁ କୌଣସି ସୁବିଧା ନଥିବା ବେଳେ ଛୋଟ ଭ୍ୟାନ୍, ଟେମ୍ପୁ, ଅଟୋରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିବହନ କରାଯାଉଛି । ଅଟୋରେ ୫ ଜଣ ଓ ଟାଟା ଏସିରେ ୮ ଜଣ ବସିବା ନିୟମ ଥିବା ବେଳେ ଗାଡି ଚାଳକ ୧୦/୧୫ଓ ୧୮/୨୦ ଭଳି ବୁହାଉଛନ୍ତି। ହେଲେ ଏସବୁର ତଦାରଖ ସେପରି ହେଉନାହିଁ। ଯଦି ହୋଇଥାନ୍ତା ତେବେ ବୁଧୁବାର ଘଟିଥିବା ଦୁର୍ଘଟଣା ଘଟିନଥାନ୍ତା ବୋଲି ଅଭିଭାବକ ମାନେ କହିଛନ୍ତି। ଏବାବଦରେ ଆରଟିଓ ଲୋକନାଥ ମେହେରଙ୍କୁ ଯୋଗାଯୋଗ କରିବାରୁ ସରକାରୀ ହେଉ କି ବେସରକାରୀ ସ୍କୁଲରେ ଯାଂଚ କରାଯିବା ସହିତ ଚେତାବନୀ ଦିଆଯାଉଛି। ଯେଉଁ ମାନେ ମାନୁନାହାଁନ୍ତି କାର୍ଯ୍ୟାନୁଷ୍ଠନ ନିଆଯିବ ବୋଲି କହିଥିଲେ।

# ଉପକୂଳ ସୁରକ୍ଷା ବ୍ୟାବସ୍ଥା କୁ କଡାକଡି କରିବାକୁ ଆରମ୍ଭ ହେବ ସମରାଭ୍ୟାସ ସାଗର କବଚ

ପାରାଦୀପ, ୨୨।୩ (ନି.ପ୍ର): ପାରାଦୀପ ର ବିଭିନ୍ନ ସ୍ଥାନରେ ମତ୍ସ୍ୟଯିବୀ ମାନଙ୍କୁ ନେଇ ଚାଲିଛି ପ୍ରଶିକ୍ଷଣ । ଡାକବାଜି ଯନ୍ତ୍ରରେ ପ୍ରଚାର ମାଧ୍ୟମରେ ସଚେତନ କରାଯିବା ସହ ସମୁଦ୍ର ପଥ କୁ କଡାକଡି କରାଯିବ। ଆତଙ୍କବାଦୀ ମାନେ ଜଳପଥ ଉପରେ ନିର୍ଭର କରୁଥିବାରୁ ବୋଟ ଆଉ ଡ଼ଙ୍ଗା ରେ ମାଛ ଧରିବାକୁ ଯାଉଥିବା ସମୟରେ ନିଜର ସମସ୍ତ ପରିଚୟ ପତ୍ର ନେବା ସହିତ ଲାଇଫ ଜ୍ୟାକେଟ, ଭିଏଚଏଫ ୧୬ନମ୍ବର ଚ୍ୟାନେଲ ସହ ଯୋଗାଯୋଗ କରି ସତର୍କ ରହିବାକୁ ଦିଆଯାଉଛି ପରାମର୍ଶ । ଯଦି ସମୁଦ୍ର ମଧ୍ୟରେ ମାଛ ଧରିବା ସମୟରେ କେହି ସନ୍ଦିଗ୍ଧ ବ୍ୟକ୍ତି ନଜର କୁ ଆସନ୍ତି ତେବେ ଯଥାଶୀଘ୍ର ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ତରଫରୁ ଜାରି କରାଯାଇଥିବା ବିନା ନେଟୱାର୍କ ରେ ୧୫୫୪, ୧୦୯୩ ଏବଂ ୧୧୨ ହେଲ୍ପଲାଇନ ନମ୍ବର ରେ ଜଣାଇବାକୁ ମତ୍ସ୍ୟଯିବି ମାନଙ୍କୁ ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ପଶୁସମ୍ପଦ ବିଭାଗ ତରଫରୁ ସଚେତନ କରାଯିବା ସହିତ ନିର୍ଦ୍ଦେଶ ଜାରି କରାଯାଇଛି। ଆସନ୍ତା ୨୪ ଓ ୨୫ ଦୁଇଦିନ ଧରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ତରଫରୁ ଅନୁଷ୍ଠିତ ହେବ ସମରାଭ୍ୟାସ ସାଗରକବଚ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏବଂ



ଆତଙ୍କବାଦୀ ମାନେ ଜଳପଥ ଉପରେ ନିର୍ଭର କରୁଥିବାରୁ ମତ୍ସଜୀବି ମାନଙ୍କୁ ସତର୍କ ଓ ସଚେତନ କରାଯାଇଛି ୨୬/୧୧ ମୁମ୍ବାଇ ଆକ୍ରମଣ ପରଠାରୁ ପ୍ରତ୍ୟେକ ବର୍ଷ ଉପକୂଳ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରିବା ପାଇଁ ଅନୁଷ୍ଠିତ ହେଉଛି ସମରଭ୍ୟାସ ସାଗର କବଚ। ଯାହାକୁ ନେଇ ଆଜି ପାରାଦୀପ ର ମତ୍ସ୍ୟଯିବି ମାନେ ରହୁଥିବା ଅଞ୍ଚଳ ରେ ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ତରଫରୁ ସାଗର ମିତ୍ର ମାନେ ସତର୍କତା ଜାରି କରିବା ସହିତ ସଚେତନ କରାଯାଉଛି । ନେଭି , କୋଷ୍ଟଗାର୍ଡ, ମେରାଇନ ପୁଲିସ, ସିଆଇଏସଏଫ, ମତ୍ସଜୀବି ମାନଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏହି କାର୍ଯ୍ୟକ୍ରମ ରେ ଭାଗ ନେବେ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି ।

# ଠାକୁର ମଦନ ମୋହନଙ୍କ ଜାଗା ଜବର ଦଖଲ

## ଦୁଇ ବର୍ଷ ପରେ ଆସିଲା ରାଏ : ତାଲା ବନ୍ଦ କରି ଚାବି ହସ୍ତାନ୍ତର

ଗଞ୍ଜାମ, ୨୨।୩ (ନି.ପ୍ର): ଗଞ୍ଜାମ ସହର ସ୍ଥିତ ବ୍ରହ୍ମହନ୍ଣ ଡମଣା ସାହି ଠାକୁର ବାବା ମଦନ ମୋହନଙ୍କ ବଡ଼ ବଜାର ଠାରେ ଥିବା ଜାଗା ସ୍ଥାନୀୟ ଅଞ୍ଚଳର ଗୋପାଳ ମହାରଣା ଓ ତାଙ୍କ ଭାଇ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ ହେବ ଜବର ଦଖଲ କରି ରଖିଥିଲେ। ଶୁକ୍ରବାର କୋର୍ଟର ନିର୍ଦ୍ଦେଶ ପରେ ଲୋକାଲ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ଉପସ୍ଥିତରେ ଆର ଆଇ ସୀତାରାମ ସାହୁ ମପା ମାପି କରିଥିଲେ। ପରେ ଠାକୁରଙ୍କ ଜାଗା ଚିହ୍ନଟ କରାଯାଇଥିଲା ଏବଂ ପରେ ଦୁଇଟି ଦୋକାନ ଗୃହ ତାଲା ପକାଇ ସାହି କମିଟି ସଭାପତି ପ୍ରଭାକର ପାଣିଗ୍ରାହୀଙ୍କୁ ଚାବି ହସ୍ତାନ୍ତର କରିଛନ୍ତି ଛତ୍ରପୁର କୋର୍ଟ କର୍ମଚାରୀ। ଏଥିସହ କାଠ ମେଣ୍ଟୁ ଓ ପରିବାର ରହୁଥିବା ଘର ମଧ ସିଲ କରାଯାଇଛି । କୋର୍ଟ କାର୍ଯ୍ୟାନୁଷ୍ଠାନ ବେଳେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଥାନା ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ ସାହୁଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲା। ଜବର ଦଖଲ କାରୀ ଗୋପାଳ ମହାରଣା ଙ୍କ ଅନୁପସ୍ଥିତ ଥିଲେ ବୋଲି ଆଇଆଇସି ପାତ୍ର ସୂଚନା ଦେଇଛନ୍ତି । ବ୍ରହ୍ମହନ୍ଣ ଡମଣା ସାହି କମିଟି ସଭାପତି ପାଣିଗ୍ରାହୀଙ୍କ ସୂଚନା ଅନୁଯାଇ ୨୦୦୦ ମସିହାରୁ ଉକ୍ତ ବ୍ୟକ୍ତିଙ୍କୁ ସାହି ପକ୍ଷରୁ ଠାକୁରଙ୍କ ଜାଗା ଖାଲି କରିବାକୁ ବାରମ୍ବାର କୁହାଯାଇଥିଲେ ମଧ କର୍ଣପାତ କରୁ ନଥିଲେ। ବାଧ ହୋଇ ଆମେ ଆଇନର ଆଶ୍ରୟ ନେଇଥିଲୁ। ସେ ମଧ ହାଇକୋର୍ଟରେ କେସ ଫାଇଲ କରିଥିଲେ କିନ୍ତୁ ୨୦୨୨ରେ କୋର୍ଟ ତାହା ନାକଚ କରିଦେଇଥିଲେ। ନାକଚ ହେବା ପରେ କୋର୍ଟଙ୍କୁ ଏକ ମାସ ମହଲଲତ ମାଗିଥିଲେ ଜବର ଦଖଲ କାରୀ। କିନ୍ତୁ ତାହା ଫଳ ପ୍ରଦ ହୋଇନଥିଲା । ତାପରେ ବାଧ ହୋଇ ସାହି ବାସିନ୍ଦା ୨୦୨୪ ରେ ପୁଣି କୋର୍ଟର ଆଶ୍ରୟ ନେଇଥିଲେ। ଦୁଇ ବର୍ଷ ପରେ ରାଏ ଆସିଥିବାରୁ ସାହି ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି। ଠାକୁର ମଦନ ମୋହନଙ୍କ ପ୍ରାୟ ତିନି ଭରଣ ଓ ୫୦/୬୦ ହାତ ଜାଗା ଥିବା ଜଣା ପଡିଛି। ଜବର ଦଖଲ ଉଚ୍ଛେଦ ବେଳେ ସାହିର ଗୋପାଳ ପଣ୍ଡା, କୈଳାଶ ବାରିକି, ଅସ୍ମିତ ପଣ୍ଡା, ପପୁ ପଣ୍ଡା, ମନୁ ମହାପାତ୍ର, ଠିକାଦାର ହାଡ଼ିଆ। ମହାପାତ୍ର, ରଞ୍ଜି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ କୋର୍ଟ ନୋଟିସ ଅନୁସାରେ ଜାଗା ଚିହ୍ନଟ କରାଯିବା ସହ ଠାକୁରଙ୍କ ଜାଗାର ଚାବି ହସ୍ତାନ୍ତର କରାଯାଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



# ଜଗତସିଂହପୁରରେ ‘ପଖାଳ ପରବ’



ଜଗତସିଂହପୁର,୨୨।୩ (ନି.ପ୍ର): ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂପ ଆଜି ଜଗତସିଂହପୁର ଜିଲ୍ଲାସ୍ତରୀୟ ‘ପଖାଳ ପରବ ୨୦୨୬’ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ଓସ୍‌ନ୍ ଭି ସି ହଲ୍ ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ ଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ପରେପରେ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସାମୁହିକ ଭାବେ ପଖାଳ ସହିତ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ। ବ୍ୟଞ୍ଜନ ଯଥା-, ପୋହଳା ମାଛ ଭଜା, ପିସ ମାଛ ଭଜା, ଚିଙ୍ଗୁଡ଼ି ଛେଚା, ବଡ଼ି ଚୂରା, ଶାଗ ଭଜା, ଆଳୁ ଭର୍ତ୍ତା, ସଜନା ଛୁଇଁ ଭଜା, ମିକ୍ସ ଭଜା, କଲରା ଚିପ୍ସ, ବାଇଗଣ ଚିପ୍ସ, ଲେମ୍ବୁ, ପିଆଜ ଓ କଞ୍ଚା ଲଙ୍କା ପରି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତୀଚୀ ତନୟା ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ , ଡେପୁଟୀ କଲେକ୍ଟର, ସହକାରୀ ଜିଲ୍ଲାପାଳ,କର୍ମଚାରୀ , ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରାବାଈ ବେହେରା ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ଜଗତସିଂହପୁର, ୨୨।୩ (ନି.ପ୍ର) : ଆଜି ପୂର୍ବାହ୍ନ ରେ ସ୍ଥାନୀୟ ସଂସ୍କୃତି ଭନ ଠାରେ ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସିଡିଏମଓ ଡାକ୍ତର ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନିତ ଅତିଥି,ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡିଶାର ବରିଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଡିପିଏମ ସୋନାଲି ପ୍ରିୟଦର୍ଶିନୀ, ଡାକ୍ତର ବାସନ୍ତୀ ପାଲ,ଭି ବି ଡି ପରାମର୍ଶଦାତା ତୃପ୍ତି ନାୟକ ଓ ମନୋରଞ୍ଜନ ମହାପାତ୍ର ଏ ପି ଏମ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଶା ମ୍ୟାନେଜେର ଅମିତା ପଣ୍ଡା ପରିଚାଳନା କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ଭୋଇ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ପାଇଁ ସମାଜର ସକ୍ରିୟ ସହଭାଗିତା ର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗ୍ରାମ୍ୟ ସ୍ତରରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ଭୂମିକା ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁଧାର, ପୋଷଣ ଜାଗୃକତା, ସମ୍ପୂର୍ଣ୍ଣ ଟିକାକରଣ ଓ ସ୍ୱଚ୍ଛତା ଅଭିଯାନକୁ ଆହୁରି ସକ୍ରିୟ କରାଯାଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ଅନ୍ୟ ଅତିଥିମାନେ ଯୋଗଦେଇ ସ୍ୱାସ୍ଥ୍ୟ ଯୋଜନାମାନଙ୍କର କ୍ରିୟାନ୍ୱୟନ, ଗ୍ରାମ୍ୟ ସ୍ତରରେ ସଚେତନତା ବୃଦ୍ଧି ଓ ସମିତିମାନଙ୍କର ସକ୍ରିୟତା ବୃଦ୍ଧି ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାୟ ୪୦୦ରୁ ଅଧିକ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ୱାର୍ଡ ସଦସ୍ୟ /ସଦସ୍ୟା, ଜନ ଆରୋଗ୍ୟ ସମିତି ସଦସ୍ୟ/ସଦସ୍ୟା, ମହିଳା ଆରୋଗ୍ୟ ସମିତି ସଦସ୍ୟା ଓ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ସେମାନଙ୍କ ସହ ମତବିନିମୟ ମାଧ୍ୟମରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ସେବାରେ ଥିବା ଅସୁବିଧା ଓ ତାହାର ସମାଧାନ ବିଷୟରେ ଗଭୀର ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ୨୦୨୪-୨୫ ଓ ୨୦୨୫-୨୬ ବର୍ଷର ଶ୍ରେଷ୍ଠ ୧୦ଜଣ କାର୍ଯ୍ୟଦକ୍ଷ ଆଶାକର୍ମୀ ଓ ୧୬ଜଣ ଗାଁ କଲ୍ୟାଣ ସମିତି, ୧୬ଜଣ ଜନ ଆରୋଗ୍ୟ ସମିତି ଓ ପୌର ପରିଷଦର ୪୩ଜଣ ମହିଳା ଆରୋଗ୍ୟ ସମିତିର ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ଏଥି ସହିତ ଏନ କ୍ୟୁ ଏସ ରେ ୧୦ ଜଣ, କାୟାକଳ୍ପ ରେ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଅଂଶଗ୍ରହଣକାରୀ ମାନେ ସ୍ୱାସ୍ଥ୍ୟ ସେବାକୁ ଆହୁରି ପ୍ରଭାବଶାଳୀ ଓ ଜନମୁଖୀ କରିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା । ଶେଷରେ ସୁଜାତା ପ୍ରିୟମ୍ବଦା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସମ୍ମିଳନୀ ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ ଓ ସମନ୍ୱିତ କରିବାରେ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା।

# ଯନ୍ତ୍ରୀ ଠିକାଦାରଙ୍କ ମନମାନୀରେ ବସୁଛି ନଳକୂପ : ସରପଞ୍ଚଙ୍କ ଅଭିଯୋଗ

ଜଗତସିଂହପୁର, ୨୨।୩ (ନି.ପ୍ର): ସରକାରୀ ଯୋଜନା ଦିଗହରା ହେଉଛି। ମନମୁଖୀ ଭାବେ ଯନ୍ତ୍ରୀ ଓ ଠିକାଦାରଙ୍କ ମର୍ଜିରେ ବସୁଛି ନଳକୂପ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିନରେ ଥିବା ରଘୁନାଥପୁର ପଞ୍ଚାୟତ ସୁଦ୍ଧଭୂମି ମା ମଙ୍ଗଳା ମନ୍ଦିର ପାର୍ଶ୍ୱରେ ଥିବା ଏକ ପୋଖରୀ ନିକଟରେ। ଏ ସମ୍ପର୍କରେ କିଛି ଗ୍ରାମବାସୀ ସରପଞ୍ଚ ସୁଚିତ୍ରା ପଣ୍ଡାଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ପଣ୍ଡା ଘଟଣାର ସତ୍ୟତା ଅନୁଭବ କରି ବିଭାଗୀୟ ଏସଡିଓ ଙ୍କୁ ତୁରନ୍ତ ଏ ସମ୍ପର୍କରେ ଅବଗତ କରିଥିଲେ। ଏହାଛଡା ନଳକୂପଟିକୁ ପୋଖରୀ ପାଖରେ ନବସାଇ ମନ୍ଦିର ପାଖରେ ବସାଇବା ପାଇଁ କହିଥିଲେ ସୁଧା କୌଣସି ସୁଫଳ ମିଳିନାହିଁ ବୋଲି ସରପଞ୍ଚ ପଣ୍ଡା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଇଣ୍ଡିଆ। ମାର୍କା -୨ ନଳକୂପ ବସାଜିବା ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିଲା। ଉପଯୁକ୍ତ ସ୍ଥାନ ଚୟନ କରାନଯାଇ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଠିକାଦାର ମନଇଚ୍ଛା ଅତି ତରବରିଆ ଭାବେ ନଳକୂପଟି ବସାଇ ଦେଉଛନ୍ତି ବୋଲି ଖୋଦ୍ ସରପଞ୍ଚ ପଣ୍ଡା ଅଭିଯୋଗ କରିଛନ୍ତି। ଆବଶ୍ୟକ ସ୍ଥାନରେ ନଳକୂପ ବସାନଗଲେ ବାଧହୋଇ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦାୟୀତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କୁ ପଚାରିବାର ସେ ଛୁଟିରେ ଥିବା ଓ କଣ ହେଇଛି ପରେ ଦେଖିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଅଭିଯୋଗର ସତ୍ୟତା ଉପରେ ନିଜେ ଜାଇ ଦେଖିବେ ବୋଲି ରଘୁନାଥପୁର ସବଡିଭିଜନ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠି ପ୍ରକାଶ କରିଛନ୍ତି।

# ବାହୁଦା ସାଟେଲାଇଟ ପୋର୍ଟ ପାଇଁ ବନ୍ଦର ଅଧ୍ୟକ୍ଷଙ୍କ ପ୍ରକଳ୍ପ ସ୍ଥଳ ପରିଦର୍ଶନ

ପାରାଦୀପ, ୨୨।୩ (ନି.ପ୍ର) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପ୍ରସ୍ତାବିତ ବାହୁଦା ସାଟେଲାଇଟ ପୋର୍ଟ ଉନ୍ନୟନ ପାଇଁ ଆଜି ଚିକିଟିରେ ପ୍ରକଳ୍ପ ସ୍ଥଳର ପରିଦର୍ଶନ କରାଯାଇଛି, ଯାହା ଏହି ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି ।



ଏହି ପରିଦର୍ଶନର ନେତୃତ୍ୱ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ଉପାଧ୍ୟକ୍ଷ ଟି.ବେଣୁ ଗୋପାଳ ଙ୍କ ଦ୍ୱାରା କରାଯାଇଥିଲା ଏବଂ ବୋର୍ଡ ସଦସ୍ୟ ଓ ବରିଷ୍ଠ କର୍ମକର୍ତ୍ତା ଙ୍କ ଉପସ୍ଥିତିରେ ବିଭିନ୍ନ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୨୦୨୫ରେ ହୋଇଥିବା ଏମଓୟୁ ପରେ ଏହା ହେଉଛି ପ୍ରକଳ୍ପ ସ୍ଥଳର ପ୍ରଥମ ଅନୁଷ୍ଠାନିକ ପରିଦର୍ଶନ।

୨୧,୫୦୦ କୋଟିର ନିବେଶ ସହିତ ପ୍ରସ୍ତାବିତ ବାହୁଦା ସାଟେଲାଇଟ ପୋର୍ଟ ଓଡିଶାର ସାମୁଦ୍ରିକ ପରିବହନ କ୍ଷମତାକୁ ବୃଦ୍ଧି କରିବା ସହ ଭାରତର ବ୍ୟାପାର ଆବଶ୍ୟକତାକୁ ସମର୍ଥନ କରିବ। ଏହି ପୋର୍ଟକୁ ବୃହତ ଜାହାଜ ଚଳାଚଳ ପାଇଁ ଡିଜାଇନ କରାଯାଉଛି, ଯାହା ମାଧ୍ୟମରେ କାର୍ଗୋ ଚଳାଚଳ ସୁବିଧାଜନକ ହେବ ଏବଂ ପୂର୍ବ କୂଳର ଅନ୍ୟାନ୍ୟ ପୋର୍ଟମାନଙ୍କର ଭିଡ଼କୁ କମାଇବ।

ପରିଦର୍ଶନ ସମୟରେ ଦଳ ସ୍ଥଳର ପରିସ୍ଥିତିକୁ ମୂଲ୍ୟାୟନ କରିଥିଲେ ଏବଂ ପ୍ରାଧାନ୍ୟପ୍ରାପ୍ତ ପ୍ରସଙ୍ଗ ଯଥା ଢାଞ୍ଚାଗତ ଉନ୍ନୟନ, ସଂଯୋଗ ସୁବିଧା ଓ ପର୍ଯ୍ୟାୟକ୍ରମିକ ଉନ୍ନୟନ ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଲଜିଷ୍ଟିକ୍ସ କ୍ଷମତାକୁ ଉନ୍ନତ କରିବା ସହ ଏହି ଅଞ୍ଚଳରେ ଶିଳ୍ପ ଯୋଗସୂତ୍ରକୁ ମଜବୁତ କରିବ। ଏହି ଉନ୍ନୟନ ଚିକିଟି ଏବଂ ପାର୍ଶ୍ୱର୍ତ୍ତୀ ଅଞ୍ଚଳରେ ବହୁଳ ରୋଜଗାର ସୃଷ୍ଟି କରିବା ସହ ଶିଳ୍ପ ଉନ୍ନତିକୁ ଗତି ଦେବ, ଯାହା ରାଜ୍ୟର ଆର୍ଥିକ ପ୍ରଗତିରେ ମୁଖ୍ୟ ଭୂମିକା ନେବ।

ଏହି ଅବସରରେ ପାରାଦୀପ ବନ୍ଦରାଧକ୍ଷ ପି. ଏଲ. ହରନାଦ କହିଥିଲେ ଯେ, ଏହି ସ୍ଥଳ ପରିଦର୍ଶନ ପ୍ରକଳ୍ପକୁ ସଂଗଠିତ ଓ ସମୟବଦ୍ଧ ଭାବରେ ଆଗେଇ ନେବାରେ ପାରାଦୀପ ବନ୍ଦର ପ୍ରାଧିକରଣର ପ୍ରତିବଦ୍ଧତାକୁ ପ୍ରକାଶ କରେ। ସେ ଜୋର ଦେଇ କହିଥିଲେ ଯେ, ବାହୁଦା ସ୍ୟାଟେଲାଇଟ୍ ପୋର୍ଟ ଓଡ଼ିଶାର ଜାତୀୟ ଏବଂ ଗ୍ଲୋବାଲ୍ ବ୍ୟାପାରରେ ସ୍ଥାନକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି ଭ୍ରମଣ ପରେ, ପ୍ରକଳ୍ପକୁ କାର୍ଯ୍ୟନ୍ୱିତ କରିବା ପକ୍ଷରେ ଅଧିକ ପ୍ରାୟୋଗିକ ଅଧ୍ୟୟନ, ବୈଧ ଏବଂ ବିସ୍ତୃତ ଯୋଜନା କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରାଯିବ।

ପାରାଦୀପ ବନ୍ଦର ପ୍ରାଧିକରଣ ଦେଶର ଦୀର୍ଘକାଳୀନ ନୌ-ଯାତ୍ରା ବୃଦ୍ଧିକୁ ସହାୟତା କରିବା ପାଇଁ ଆଧୁନିକ, କାର୍ଯ୍ୟକ୍ଷମ ସହିତ ସ୍ଥାୟୀ ବନ୍ଦର ଢାଞ୍ଚା ଉନ୍ନତ କରିବାରେ ପ୍ରତିବଦ୍ଧ ରହିଛି। ପାରାଦୀପ ବନ୍ଦର ଦେଶର ଦୀର୍ଘମିଆଦୀ ସମୁଦ୍ର ପରିବହନ ଉନ୍ନୟନକୁ ସମର୍ଥନ କରିବା ପାଇଁ ଆଧୁନିକ, କାର୍ଯ୍ୟକ୍ଷମ ଓ ସସ୍ତାୟୀ ବନ୍ଦର ଢାଞ୍ଚା ଉନ୍ନୟନରେ ପ୍ରତିବଦ୍ଧ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞାପ୍ତିରୁ ପ୍ରକାଶ।

# କୋଣାର୍କ ଯାତ୍ରୀନିବାସରେ ପଖାଳ ଦିବସ ପାଳିତ



କୋଣାର୍କ, ୨୨/୩ (ନିପ୍ର) ପଖାଳ ଦିବସ ଅବସରରେ କୋଣାର୍କ ଯାତ୍ରୀନିବାସ ପରିସରରେ ସ୍ୱତନ୍ତ୍ର ଭାବରେ ପଖାଳ ଦିବସ ଆୟୋଜିତ ହୋଇଯାଇଛି। ଓଡ଼ିଆଙ୍କ ପ୍ରଥମ ପସନ୍ଦ ପଖାଳ ହୋଇଥିବା ବେଳେ। ପ୍ରତି ଘରେ ଘରେ ପଖାଳ ପରିଚିତ। ପଖାଳ ଗଣ୍ଡେ ଖାଇଦେଲେ ମନ ତୃପ୍ତ ହୋଇଯାଏ। କୋଣାର୍କ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ମାନେ ଯାତ୍ରୀନିବାସରେ ପଖାଳ ଖାଇ ବେଶ ପ୍ରଶଂସା କରିଥିଲେ ଦହି ପଖାଳ ସାଂଗକୁ ବଡ଼ି ଚୁରା,ମାଛ ଭଜା,ଆଳୁ ଭର୍ତା,ଶାଗ, କଖାରୁ ଫୁଲ ପିଠା, ସଜନା ଛୁଇଁ ଭଜା ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରିବେଷଣ ହୋଇଥିଲା। ଏହି ପଖାଳ ଖାଇ ପର୍ଯ୍ୟଟକମାନେ ଆନନ୍ଦିତ ହୋଇଥିଲେ। ଯାତ୍ରୀ ନିବାସ ପରିଚାଳକ ବାପି ରଞ୍ଜନ ସାହୁ, ରେଷ୍ଟୁରାଣ୍ଟ ପରିଚାଳକ ବିକାଶ କୁମାର ସ୍ୱାଇଁ, ବଳରାମ ମହାପାତ୍ର, ଲକ୍ଷ୍ମିପ୍ରୀୟା ବେହେରା ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ କରିଥିଲେ।

